# ଟ୍ରକ୍ ଟର୍ମିନାଲ ଘୋଷଣାରେ ସୀମିତ

- ରାଜପଥରେ ଭାରିଯାନ ରହିବାରୁ ଦୁର୍ଘଟଣା ବଢ଼ୁଛି
- ଟ୍ରାଫିକ୍ ସମସ୍ୟା ଜଟିଳ ହେଉଛି
- ମହାନଦୀ ପୋଲ ଉପରେ ଭାରିଯାନ ବିପଦକୁ ଡାକୁଛି


ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ମହାନଦୀ ପୋଲ ଉପରେ ଶତାଧିକ ଭାରିଯାନ ରହିଛି।

**ପାରାଦୀପ,୧୦।୪(ସ୍ୱ.ପ୍ର.)**

ପାରାଦୀପ ଶିଳ୍ପଭିତ୍ତିକ ସହରାଞ୍ଚଳର ରାଜପଥରେ ଭାରିଯାନ ପାର୍କିଂ କରିବା ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ଏହି ସମସ୍ୟା ଏଡ଼ାଇବା ପାଇଁ ୨୦୧୫ରୁ ରାଜ୍ୟ ପ୍ରଶାସନ, ପାରାଦୀପ ବନ୍ଦର ପ୍ରଶାସନ, ଜାତୀୟ ରାଜପଥ କର୍ତ୍ତୃପକ୍ଷ ଭିନ୍ନ ଭିନ୍ନ ସମୟରେ ଟ୍ରକ୍ ଟର୍ମିନାଲ କରିବା ଉପରେ ଘୋଷଣା କରୁଛନ୍ତି। କିନ୍ତୁ ଏହି ପ୍ରସ୍ତାବିତ ଟର୍ମିନାଲ ଏପର୍ଯ୍ୟନ୍ତ ହୋଇପାରିଲା ନାହିଁ। ଏପରିକି ୨୦୨୦ରେ ଟର୍ମିନାଲ ପାଇଁ କୁଜଙ୍ଗ ତହସିଲଦାର ନୋଟିସ ଜାରି କରିଥିଲେ। ତାହା ମଧ୍ୟ ଏପର୍ଯ୍ୟନ୍ତ ସେହି ନୋଟିସରେ ସୀମିତ ରହିଛି। ଟର୍ମିନାଲ ନ ହେବା ଦ୍ୱାରା ହଜାରରୁ ଅଧିକ ଭାରିଯାନ ରାଜପଥ ଉପରେ ପାର୍କିଂ କରୁଛନ୍ତି। ଏପରିକି ଜଗତ୍‌ସିଂହପୁର-କେନ୍ଦ୍ରାପଡ଼ା ଜିଲ୍ଲାକୁ ସଂଯୋଗ କରୁଥିବା ମହାନଦୀ ପୋଲ ଉପରେ ଶତାଧିକ ଭାରିଯାନ ଧାଡ଼ିରେ ରହୁଛନ୍ତି। ଏପରି ଭାରିଯାନ ପୋଲ ଉପରେ ରହିବା ଦ୍ୱାରା ତାହା ସବୁବେଳେ ବିପଦପୂର୍ଣ୍ଣ ଅବସ୍ଥା ସୃଷ୍ଟି କରୁଛି ବୋଲି ଅଭିଯୋଗ ହେଉଛି।

ପାରାଦୀପ ଶିଳ୍ପାଞ୍ଚଳକୁ ପ୍ରତିଦିନ ୧୦ ହଜାରରୁ ଅଧିକ ଭାରିଯାନ ଚଳାଚଳ କରୁଛି। ଖଣିଜ ପଦାର୍ଥ, କମ୍ପାନୀ ସାମଗ୍ରୀ, ସାର, ତେଲ, ବାଲି, ମାଟି ଆଦି ବୋଝେଇ ଟ୍ରକ୍ ଟ୍ରେଲର, ହାଇୱା, ଯୋଗେ ଯାତାୟାତ କରିଥାଏ। ଏଥିପାଇଁ ଜାତୀୟ ରାଜପଥ ୫୩ ନଂ. (ପୂର୍ବରୁ ଏହି ନାମ ୫ନଂ.(କ) ଥିଲା) ଓ ରାଜ୍ୟ ରାଜପଥ ୧୨ ରହିଛି। କଟକ-ପାରାଦୀପ ରାଜ୍ୟ ରାଜପଥରେ ସାଧାରଣ ଯାନ ଅଧିକ ଚଳାଚଳ କରିଥାଏ। ସ୍ୱଳ୍ପ ପଣ୍ୟବାହୀ ଭାରିଯାନ ଏଥିରେ ଚଳାଚଳ କରେ। କିନ୍ତୁ ୫୩ ନଂ. ଜାତୀୟ ରାଜପଥରେ ସିଂହଭାଗ ପଣ୍ୟ ଯାତାୟାତ ହୋଇଥାଏ। ଚଣ୍ଡିଖୋଲରୁ ପାରାଦୀପ ୪ ଲେନ୍ ବିଶିଷ୍ଟ ଏହି ରାଜପଥରେ ସବୁବେଳେ ଅଧିକ ଭିଡ଼ ଲାଗି ରହିଥାଏ। ପାରାଦୀପଠାରୁ କେନ୍ଦ୍ରାପଡ଼ା ଜିଲ୍ଲା ଦୁହୁରିଆ ପର୍ଯ୍ୟନ୍ତ ଟ୍ରକ୍‌ଗୁଡ଼ିକ ରାସ୍ତା ଉପରେ ଲାଇନରେ ରହିଥାନ୍ତି। ବିଶେଷକରି ଭୂତମୁଣ୍ଡାଇଠାରୁ ପାରାଦୀପର ଅଠରବାଙ୍କି ମେନ୍ ଗେଟ୍ ପର୍ଯ୍ୟନ୍ତ ଯିବା ଆସିବା ରାସ୍ତା ଉପରେ ହଜାରରୁ ଅଧିକ ଗାଡ଼ି ରହିଥାଏ, ଯେଉଁଥିପାଇଁ ରାସ୍ତା ଉପରେ ଧୂଳି ପ୍ରଦୂଷଣ ଅଧିକ ହୋଇଥାଏ। ଏପରିକି ଏତକ ରାସ୍ତା ଚତୁଃପାର୍ଶ୍ୱରେ କଳା ଆସ୍ତରଣ ରହିଥାଏ, ଯାହାଦ୍ୱାରା ସାଧାରଣ ଲୋକ ୨ ଚକିଆ ଯାନରେ ଯାତାୟାତ କଲାବେଳେ ଦୁର୍ଘଟଣା ଘଟିଥାଏ। ୨୦୨୨ମସିହାରେ କେବଳ ଅଠରବାଙ୍କିରୁ ଦୋଛକି ରାସ୍ତାରେ ଦୁର୍ଘଟଣା ଯୋଗୁ ୬୨ ଜଣଙ୍କ ମୃତ୍ୟୁ ହୋଇଥିଲା। ଶତାଧିକ ଆହତ ହୋଇଛନ୍ତି। ଏପରି ବାରମ୍ବାର ଦୁର୍ଘଟଣା ଯୋଗୁ ପାରାଦୀପ ନଗର ବିଜେଡି ପକ୍ଷରୁ ୨୦୧୯ରେ ଦିନିକିଆ ରାଜପଥ ଅବରୋଧ କରାଯାଇଥିଲା। ୨୦୨୧ରେ କାର୍ଯ୍ୟରତ ଖବରଦାତାମାନେ ମଧ୍ୟ ଧାରଣା ଦେଇଥିଲେ। ଏହାବାଦ୍ ଅନେକ ସଙ୍ଗଠନ, ଜିଲ୍ଲା ପ୍ରଶାସନକୁ ଲେଖି ସମାଧାନ ପାଇଁ ଅନୁରୋଧ କରାଯାଇଥିଲା। ଜଗତ୍‌ସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ମଧ୍ୟ ଏହି ୫ ବର୍ଷରେ ଅନ୍ୟୁନ ୧୦ରୁ ଅଧିକ ଥର ସମୀକ୍ଷା ବୈଠକ କରି ସାରିଲେଣି। କିନ୍ତୁ କୌଣସି ନିଷ୍କର୍ଷ ଏ ପର୍ଯ୍ୟନ୍ତ ବାହାରି ପାରିନାହିଁ। ଟ୍ରକ୍ ଟର୍ମିନାଲ ପାଇଁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷ ମଧ୍ୟ ଘୋଷଣା କରିବା ସହ ଏଥିପାଇଁ ପ୍ରାୟ ୧୦୦ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଜାଗା ଯୋଗାଇଦେଲେ ସେଠାରେ ବିଶ୍ୱସ୍ତରୀୟ ଟର୍ମିନାଲ କରାଯିବ ବୋଲି ଏକାଧିକ ବାର ଘୋଷଣା ହୋଇସାରିଲାଣି। ୨୦୨୦ ଏପ୍ରିଲରେ ଭୂତମୁଣ୍ଡାଇ ମହାନଦୀ ପଠା ବାହାର ତରିଡିଆଠାରେ ଜାଗା ଦେବା ପାଇଁ ଇଡ୍‌କୋ ଆବେଦନ କରିଥିଲା। ତତ୍କାଳୀନ କୁଜଙ୍ଗ ତହସିଲଦାର ସ୍ମୃତିପ୍ରଜ୍ଞା ପ୍ରିୟଦର୍ଶିନୀ ଜମି ଦେବା ପାଇଁ ଭୂତମୁଣ୍ଡାଇଠାରେ ସର୍ବସାଧାରଣ ନୋଟିସ ଜାରି କରିଥିଲେ। ଖାତା ନଂ. ୧, ପ୍ଲଟ ନଂ. ୧, ରକବା ୧୬୫ ଏକର ସରକାରୀ ଜାଗା (କିସମ ପୁରୁଣା ପଡ଼ିଆ) ଦେବା ପାଇଁ ପ୍ରସ୍ତାବ ରହିଥିଲା। ତା' ପରଠାରୁ ଆଉ କିଛି ଅଗ୍ରଗତି ହୋଇନାହିଁ ବୋଲି ଜଣାପଡ଼ିଛି। ଏହି ନୋଟିସ ଜାଗା ସମ୍ପର୍କରେ ଏବେର ସ୍ଥିତାବସ୍ଥା ସମ୍ପର୍କରେ କୁଜଙ୍ଗ ତହସିଲଦାର ପ୍ରୀତିପର୍ଣ୍ଣା ମିଶ୍ରଙ୍କୁ ପଚାରିବାରେ ସମ୍ପୃକ୍ତ ନୋଟିସ ପରେ ଇଡ୍‌କୋକୁ କ୍ଲିୟରାନ୍ସ ଦିଆଯାଇଛି। କିନ୍ତୁ କାହିଁକି ଟର୍ମିନାଲ ହୋଇନାହିଁ ସେ ଖବର ମୋତେ ଜଣାନାହିଁ। ଏ ନେଇ ଭୂତମୁଣ୍ଡାଇ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ କୁହନ୍ତି, ଏଭଳି ପାର୍କିଂ ପାଇଁ ଏବେ ମହାନଦୀ ପୋଲ ବିପଦପୂର୍ଣ୍ଣ ସାଜିଛି। କାରଣ ୯୭୦ ମିଟର ବିଶିଷ୍ଟ ଏହି ପୋଲ ୧୯୬୩ରେ ନିର୍ମିତ ହୋଇଥିଲା। ଏବେ ପୁରୁଣା ହୋଇଗଲାଣି। ତା' ଉପରେ ପଣ୍ୟ ବୋଝେଇ ଗାଡ଼ି ଧାଡ଼ିରେ ରହିବା ଦ୍ୱାରା ଅଧିକ ଚାପ ପଡୁଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳ କାହ୍ନୁଚରଣ ଧୀରଙ୍କୁ ପଚାରିବାରେ ଅନେକ ଥର ବୈଠକକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଡାକିଛୁ। ସେମାନେ ଆସୁନାହାନ୍ତି କି ଟ୍ରକ୍ ଟର୍ମିନାଲ ସମ୍ପର୍କରେ କ୍ଲିୟରାନ୍ସ ଦେଉନାହାନ୍ତି। ତଥାପି ଉଦ୍ୟମ ଜାରି ରହିଛି ବୋଲି ସେ କୁହନ୍ତି।


ତହସିଲ କାର୍ଯ୍ୟାଳୟ : କୁଜଙ୍ଗ
ଜଗତସିଂହପୁର
ଫାରମ ନଂ. III ନିୟମ - ୫ (ଖ) ଅନୁଯାୟୀ
ମୋକଦ୍ଦମା ନଂ. 04/2020

ସର୍ବସାଧାରଣ ନୋଟିସ୍

ଏତଦ୍ଦ୍ୱାରା ଭୂତମୁଣ୍ଡାଇ ମୌଜାର ସର୍ବସାଧାରଣମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମୌଜାର ନିମ୍ନ ତଫସିଲଭୁକ୍ତ ସରକାରୀ ଜମିକୁ IDCO କର୍ତ୍ତୃପକ୍ଷ ଟ୍ରକ ଟର୍ମିନାଲ ପ୍ରତିଷ୍ଠା ନିମନ୍ତେ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କୌଣସି ଆପତ୍ତି ଅଭିଯୋଗ ଥାଏ ଉକ୍ତ ନୋଟିସ୍ ଜାରି ହେବାର ୩୦ ଦିନ ମଧ୍ୟରେ ନିମ୍ନସ୍ୱାକ୍ଷରକାରୀଙ୍କ ଅଦାଲତରେ ଲିଖିତ ଆକାରରେ ୨୦ ଟଙ୍କା ମୂଲ୍ୟର କୋର୍ଟ ଫି ମାରି ଅଭିଯୋଗ କରିପାରିବେ।

ଧାର୍ଯ୍ୟ ସମୟରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣ କରାଯିବ ନାହିଁ। ନିୟମାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

(ଢେଣ୍ଡୁରା ଦ୍ୱାରା ସର୍ବସାଧାରଣରେ ଜାରିହେବ)

ତଫସିଲ

| ମୌଜା | ଖାତା ନଂ. | ପ୍ଲଟ୍ ନଂ | ରକବା | କିସମ |
|---|---|---|---|---|
| ବାହାରତରିଡିଆ (ଅନାବାଦି) | ୦୧ | ୦୧ | ୬.୧୬୧.୫୦ଏକର (ସ୍ଥି) ୬.୩୦.୦୦ଏକର | ପୁରୁଣା ପଡ଼ିଆ |

ତହସିଲଦାର, କୁଜଙ୍ଗ

ଏହାର ଏକକିତା ନକଲ ସଂପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ / ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ ଓ ସଂପୃକ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନୋଟିସ୍ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଗଲା।

ତହସିଲଦାର, କୁଜଙ୍ଗ

ଟ୍ରକ୍ ଟର୍ମିନାଲ ପାଇଁ କୁଜଙ୍ଗ ତହସିଲଦାର ୨୦୨୦ରେ ଜାରି କରିଥିବା ନୋଟିସ।

# ୧୯ରେ ଅର୍ଥନୈତିକ ଅବରୋଧ, ବ୍ୟାସନଗର ବନ୍ଦ

## ୩ୟ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଧାରଣା

**ଯାଜପୁର ରୋଡ୍,୧୦।୪(ଡି.ଏନ୍.ଏ.)**


୩ୟ ଦିନରେ ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟମାନେ ଧାରଣାରେ ବସିଛନ୍ତି।

୫ ଦଫା ଦାବିରେ ବ୍ୟାସନଗର ନାଗରିକ କମିଟି ଆନୁକୂଲ୍ୟରେ ମିଳିତ କ୍ରିୟାନୁଷ୍ଠାନ କମିଟିର ଧାରଣା ଓ ଧର୍ମଘଟ ସୋମବାର ୩ୟ ଦିବସରେ ପହଞ୍ଚିଛି। କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାଗରିକ କମିଟି ସଭାପତି ହେମନ୍ତ କିଶୋର ସାହୁଙ୍କ ଅଧକ୍ଷତାରେ ଆବାହକ ମଣ୍ଡଳୀ ସଭ୍ୟମାନଙ୍କୁ ନେଇ ଏକ ଜରୁରୀ ବୈଠକରେ ଅନୁଷ୍ଠିତ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ଏପ୍ରିଲ ୧୯ରେ ବ୍ୟାସନଗର ବନ୍ଦ ଓ ଅର୍ଥନୈତିକ ଅବରୋଧ କରାଯିବ। ଉକ୍ତ ବନ୍ଦ ଓ ଅର୍ଥନୈତିକ ଅବରୋଧକୁ ନାଗରିକ କମିଟି, ସହରର ବୁଦ୍ଧିଜୀବୀ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଞ୍ଚ, ବ୍ୟବସାୟୀ ସଂଘ, ଶହୀଦ ଭଗତ ସିଂହ ଯୁବକ ସଂଘ, ଓକିଲ ସଂଘ, କୋରେଇ ସଂଗ୍ରାମ ସମିତି, ନେତାଜୀ ସ୍ମୃତି ସଂସଦ, ସିଆଇଟିୟୁ, ସିଭିଲ ସୋସାଇଟି, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସମେତ ସମସ୍ତ ରାଜନୈତିକ ଦଳ ସମର୍ଥନ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି। ତେଣୁ ଏହି ଧାରଣା ୧୯ ତାରିଖ ଯାଏ ଚାଲୁ ରହିବ ବୋଲି ନାଗରିକ କମିଟି ସମ୍ପାଦକ ତଥା ଆବାହକ ମଣ୍ଡଳୀ ସଭ୍ୟ ଦୁର୍ଯ୍ୟୋଧନ ରାଉତ ପ୍ରକାଶ କରିଛନ୍ତି। ବୈଠକରେ ଆବାହକ ମଣ୍ଡଳୀ ସଭ୍ୟ ଶ୍ରମିକ ନେତା ବିଦ୍ୟାଧର ମହାନ୍ତି, ଦୁଷ୍ମନ୍ତ କୁମାର ନାୟକ, ପୂର୍ବତନ ଉପନଗରପାଳ ହୃଦାନନ୍ଦ ସାମଲ, ପ୍ରଫୁଲ୍ଲ କୁମାର ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଚନ୍ଦ୍ରମଣି ସାମଲ, ବିବେକାନନ୍ଦ ମହାନ୍ତି, ନରେନ୍ଦ୍ର ଜେନା, ହୃଷୀକେଶ ସାହୁ, ସଦାଶିବ ଦାଶ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅର୍ଜୁନ କୁମାର ରାଉତ, ବରିଷ୍ଠ ଖବରଦାତା ବାବୁରାମ ଜେନା, ଦେବେନ୍ଦ୍ରନାଥ ପାଣିଗ୍ରାହୀ, ଜ୍ଞାନରଞ୍ଜନ ରାଉତ, ସରୋଜ କୁମାର ଦେ, ଦାମୋଦର ପଣ୍ଡା, ଅଭିରାମ ରାଉତ, ଅଭିରାମ ସାହୁ, ସୁରେଶ ସାହୁ, ରଘୁନାଥ ବେହେରା, ରମେଶ ବିଶ୍ୱାଳ ଓ ଅସିତ୍ କୁମାର ଦାସ ସମେତ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ୫ ଦଫା ଦାବି ମଧ୍ୟରେ ରହିଛି ପୌରାଞ୍ଚଳରେ ଗୃହ ଟିକସ ବୃଦ୍ଧି ପ୍ରତ୍ୟାହାର, ରେଲୱେର ଫ୍ଲାଏଓଭର ବ୍ରିଜ ଓ ଗଳିପୋଲ ନିର୍ମାଣ, ୧୦୦ ଶଯ୍ୟା ବିଶିଷ୍ଟ ମଲ୍ଟି ସ୍ପେଶାଲିଟି ଡାକ୍ତରଖାନା ପ୍ରତିଷ୍ଠା, ବ୍ୟାସ ସରୋବରରୁ ଗ୍ରୀନ୍ ଟ୍ରିବ୍ୟୁନାଲର ରହିତାଦେଶ ହଟାଇବା ଏବଂ ଜମିଜମା ଓ ବିଦ୍ୟୁତ୍ ସମସ୍ୟାର ସମାଧାନ।

## ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବାଲିକୁଦା,୧୦।୪(ସ୍ୱ.ପ୍ର.)**

ପୋଖରୀ ପାଣିରେ ବୁଡ଼ି ଜଣେ ଯୁବକ ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମୃତଦେହ ଏକ ଚିଙ୍ଗୁଡ଼ି ଘେରିରୁ ଉଦ୍ଧାର କରାଯାଇଛି। ମୃତ ଯୁବକ ହେଲେ ବାଲିକୁଦା ଥାନା ଅନ୍ତର୍ଗତ କୁଷୁପୁର ପଞ୍ଚାୟତ ଦଣ୍ଡାବେଦୀ ଗାଁର ଦୀପକ ଜେନା(୪୦)। ଦୀପକ ସକାଳେ ଘରୁ ଖାଇବା ପରେ ଘେରିକୁ ଆସିଥିଲେ। ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କ ମୋବାଇଲ ଫୋନକୁ କଲ କରିଥିଲେ। ହେଲେ ଫୋନ ସୁଇଚ ଅଫ୍ ଥିବାରୁ ପରିବାର ଲୋକଙ୍କ ମନରେ ସନ୍ଦେହ ବଢ଼ିଥିଲା। ତାଙ୍କୁ ବିଭିନ୍ନ ଆଡ଼େ ଖୋଜାଖୋଜି କରିଥିଲେ। ପରେ ତାଙ୍କ ମୃତଦେହ ଚିଙ୍ଗୁଡ଼ି ଘେରି ପୋଖରୀରେ ଭାସୁଥିବା ଦେଖି କେହି ଖବର ଦେଇଥିଲେ। ପରିବାର ଲୋକେ ଓ ଆଖପାଖ ଚିଙ୍ଗୁଡ଼ି ଚାଷୀମାନେ ଭାସୁଥିବା ଅବସ୍ଥାରେ ତାଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଅନନ୍ତପୁର ଫାଣ୍ଡି ପୋଲିସ ପହଞ୍ଚି ମୃତଦେହକୁ ଜବତ କରିଛି। ମଙ୍ଗଳବାର ମୃତଦେହ ବ୍ୟବଚ୍ଛେଦ କରାଯିବ ପୋଲିସ ସୂତ୍ରରୁ ପ୍ରକାଶ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗଣେଶ


@ ସଞ୍ଜୟ


@ ସ୍ମୃତିଶ୍ରୀ


@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ପଡ଼ୋଶୀ କଳିରୁ ଫାର୍ସାମାଡ଼, ଜଣେ ଗୁରୁତର

**କେନ୍ଦ୍ରାପଡ଼ା ଅଫିସ, ୧୦।୪**

କେନ୍ଦ୍ରାପଡ଼ା ବ୍ଲକ ନିକିରାଇ ଥାନା ଚାରିଗାଁ ପଞ୍ଚାୟତ ଅଧୀନ ବାଲିସାହି ଗ୍ରାମରେ ପଡୋଶୀଙ୍କ କଳିଗୋଳରୁ ସୋମବାର ଫାର୍ସା ମାଡ଼ ହୋଇଛି। ଏହି ଘଟଣାରେ ଗୁରୁତର ଅଶୋକ କୁମାର ମଲ୍ଲିକ ଏବେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଅଶୋକଙ୍କ ସ୍ତ୍ରୀ ଘୁଙ୍ଗୁରୀ ଘଟଣା ସମ୍ପର୍କରେ ଥାନାଧିକାରୀ ଜ୍ୟୋତିପ୍ରକାଶ ସ୍ୱାଇଁଙ୍କୁ ସୂଚନା ଦେଇଛି। ପ୍ରାଥମିକ ତଦନ୍ତ ଆରମ୍ଭ ହୋଇଥିଲେ ମଧ୍ୟ ଘଟଣା ସମ୍ପର୍କରେ ରିପୋର୍ଟ ଲେଖା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇନାହିଁ। ଘୁଙ୍ଗୁରୀଙ୍କ ସୂଚନା ଅନୁଯାୟୀ, ତାଙ୍କର ପଡ଼ୋଶୀଙ୍କ ସହିତ ଘରବାଡ଼ି ମାପଚୁପ ନେଇ ପୂର୍ବରୁ ବିବାଦ ଥିଲା। ଏ ନେଇ ଥାନାରେ ପୂର୍ବରୁ ଅଭିଯୋଗ କରାଯାଇଥିଲା। ପୂର୍ବାହ୍ନରେ ଜଣେ ପଡ଼ୋଶୀ ଫୋନରେ ଡ଼ାକିବାରୁ ଅଶୋକ ନିକଟସ୍ଥ ମାଳ ଠାକୁରାଣୀଙ୍କ ପୀଠକୁ ଯାଇଥିଲେ। ସେଠାରେ ଥିବା ୭ ଜଣ ବ୍ୟକ୍ତି ଅଶୋକଙ୍କୁ ମାଡ଼ ମାରିବା ସହିତ ଫାର୍ସାରେ ଆକ୍ରମଣ କରିଥିଲେ।

## ପ୍ରେମିକଙ୍କ ଘର ଆଗରେ ପ୍ରେମିକାଙ୍କ ଧାରଣା

**ବିଞ୍ଝାରପୁର,୧୦।୪ (ଡି.ଏନ.ଏ.):**

ଜଣେ ଯୁବତୀଙ୍କୁ ପ୍ରେମଜାଲରେ ଫସାଇବା ପରେ ତାଙ୍କୁ ନେଇ ୧୫ ଦିନ ବାହାରେ ରଖି ଶାରୀରିକ ସମ୍ପର୍କ ରଖିଲେ।ପରେ ସମ୍ପୃକ୍ତା ଯୁବତୀଙ୍କୁ ଆଣି ଛାଡ଼ିଦେଲେ। ଶେଷରେ ନ୍ୟାୟ ପାଇଁ ଯୁବତୀ ପ୍ରେମିକଙ୍କ ଘର ଆଗରେ ଧାରଣାରେ ବସିଛନ୍ତି। ଏହି ଘଟଣା ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ଖବର ଅନୁଯାୟୀ, ଅଳକୁଣ୍ଡ ଥାନା ଝିଙ୍କିରି ଗାଁର ଜଣେ ଯୁବତୀଙ୍କୁ ନିକଟସ୍ଥ ନଥିପୁର ଗାଁର ଜିତେନ୍ଦ୍ର ଜେନା(୨୫) ପ୍ରେମଜାଲରେ ଫସାଇ ଥିଲେ। ପରେ ମାର୍ଚ୍ଚ ୧୫ରେ ତାଙ୍କୁ ନେଇ କଲିକତାରେ ରହୁଥିବା ନିଜ ମା'ଙ୍କ ବାନ୍ଧବୀଙ୍କ ନିକଟରେ ରଖିଥିଲେ। ସେଠାରେ ଜିତେନ୍ଦ୍ର ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ପରେ ପୁଣି ଓଡ଼ିଶା ନେଇ ଫେରିଥିଲେ। ଫେରିବା ପରେ ନିଜ ଗାଁଠାରୁ କିଛି ଦୂର କପିଳା ପଞ୍ଚାୟତ ରାହାସ ଗୁହାଳି ଗାଁରେ ନିଜର ଜଣେ ସମ୍ପର୍କୀୟଙ୍କ ଘରେ ଉଭୟ ରହିଥିଲେ। ସେଠାରେ ଯୁବତୀଙ୍କୁ ଛାଡ଼ିଦେଇ ଜିତେନ୍ଦ୍ର ଏବେ ଫେରାର ହୋଇଯାଇଛନ୍ତି। ତେଣୁ ଯୁବତୀ ନ୍ୟାୟ ପାଇଁ ଜିତେନ୍ଦ୍ରଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଯୁବତୀ ଅପହରଣ ସମ୍ପର୍କରେ ପରିବାର ପକ୍ଷରୁ ଅଳକୁଣ୍ଡ ଥାନାରେ ଅଭିଯୋଗ କରାଯାଇଥିଲେ ମଧ୍ୟ ପୋଲିସ ଖୋଜ ଖବର ନେଇ ନ ଥିଲା। ରବିବାରଠାରୁ ଯୁବତୀ ଜିତେନ୍ଦ୍ରଙ୍କ ଘର ଆଗରେ ଧାରଣାରେ ବସିଥିବା ବେଳେ ତାଙ୍କ ପରିବାର ଲୋକ ଘରେ ତାଲା ପକାଇ ଫେରାର ହୋଇଯାଇଛନ୍ତି। ଏଭଳିସ୍ଥଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚିନାହିଁ। ଅନ୍ୟପକ୍ଷରେ ଯୁବତୀ ଧାରଣାରେ ବସିବା ନେଇ ପୋଲିସ ପାଖରେ ଅଭିଯୋଗ ନାହିଁ ବୋଲି ଥାନା ଅଧିକାରୀ ପ୍ରଶାନ୍ତ ଦାସ କହିଛନ୍ତି। ଏହାକୁ ନେଇ ଉଭୟ ଗାଁରେ ଚାପା ଉତ୍ତେଜନା ଦେଖାଦେଇଛି।


यूनियन बैंक ऑफ इंडिया | Union Bank of India
भारत सरकार का उपक्रम | A Government of India undertaking
आन्ध्रा Andhra | कार्पोरेशन Corporation

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

ବିକ୍ରୟ ନୋଟିସ
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ
ଏତଦ୍ଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ୍ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ। ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ବିଚାରାଧୀନ ଏସ୍‌ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲି., ଠିକଣା- ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍‌ସନ୍, ନୂଆଦିଲ୍ଲୀ-୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର, ଡିବି ଗୁପ୍ତା ରୋଡ୍, କରୋଲବାଗ୍, ଦିଲ୍ଲୀ - ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ- ଘରବାରି-୨, ଖାତା ନଂ. ୮୩୮। ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱର ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | ୨୬।୦୪।୨୦୨୩ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ ମାଟିଆପଡ଼ା | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp
ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
- ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
- ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

ତାରିଖ: ୧୦।୦୪।୨୦୨୩, ସ୍ଥାନ: ନୂଆଦିଲ୍ଲୀ
ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

## ସଂକ୍ଷେପରେ

### ମା'ବୁଢ଼ୀଜାଗୁଳାଇଙ୍କ ବାର୍ଷିକ ଉତ୍ସବ

ଆଳି,୧୦।୪(ଡି.ଏନ.ଏ.): ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ପଦନପୁର ବେହେରା ସାହି ଗ୍ରାମର ଗ୍ରାମଦେବତୀ ମା'ବୁଢ଼ୀ ଜାଗୁଳାଇଙ୍କ ପ୍ରଥମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଗ୍ରାମର ୬୦ରୁ ଊର୍ଦ୍ଧ୍ୱ ମହିଳା ପୁରୁଷ କଳସ ଶୋଭାଯାତ୍ରାରେ ବାହାରି ଲକ୍ଷ୍ମୀବରାହ ଜୀଉ ମନ୍ଦିର ନିକଟରୁ ପବିତ୍ର ଜଳ ଆଣିବା ପରେ କଳସ ସ୍ଥାପନ କରାଯାଇଥିଲା । ଏହାପରେ ଅଙ୍କୁରରୋପଣ, ଗୋ ପୂଜା, ସୂର୍ଯ୍ୟପୂଜା, ଗୁରୁପୂଜା ଆଦି କରାଯିବା ସହିତ ମା'ବୁଢ଼ୀ ଜାଗୁଳାଇଙ୍କ ପାରମ୍ପରିକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏଥିସହିତ ଯଜ୍ଞ ଚାଲିଛି । ପଦନପୁର ବେହେରା ସାହିର ଗ୍ରାମ ଦେବତୀ ମା'ବୁଢ଼ୀ ଜାଗୁଳାଇ ଗ୍ରାମଠାରୁ ପ୍ରାୟ ୨ କିଲୋମିଟର ଦୂର ମୁସଲିମ ବସ୍ତିରେ ପୂଜା ପାଉଥିଲେ । ସେଠାକୁ ପ୍ରତିଦିନ ଯାଇ ପୂଜାର୍ଚ୍ଚନା କରିବା ଗ୍ରାମବାସୀଙ୍କ ପକ୍ଷେ ସମ୍ଭବ ନ ହେବାରୁ ଗାଁରେ ନୂତନ ମନ୍ଦିର ନିର୍ମାଣ କରାଯାଇଥିଲା । ଗତବର୍ଷଠାରୁ ନୂତନ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା କରାଯାଉଛି । ମା'ଙ୍କ ବିଗ୍ରହକୁ ନୂତନ ମନ୍ଦିରକୁ ଆଣିବା ସମୟରେ ସ୍ଥାନୀୟ ମୁସଲିମ ସମ୍ପ୍ରଦାୟର ଶତାଧିକ ଲୋକ ସାମିଲ ହୋଇ ଭାଇଚାରା ପ୍ରଦର୍ଶନ କରିଥିଲେ । ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।

# ଲୁଣା ତଟବନ୍ଧରେ ପଥର ପ୍ୟାକିଂ ଖସୁଛି

କେନ୍ଦ୍ରାପଡ଼ା ଅଫିସ, ୧୦।୪

- ଗତ ସପ୍ତାହରେ ହୋଇଥିଲା ସର୍ବେକ୍ଷଣ
- ବର୍ଷା ପୂର୍ବରୁ ନଦୀବନ୍ଧ ମରାମତି ଦାବି
- ଚିନ୍ତାରେ ୫୫ ପଞ୍ଚାୟତବାସୀ

ଗତ ସପ୍ତାହରେ ଜଳସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ଜିଲାର ବିଭିନ୍ନ ନଦୀବନ୍ଧର ସର୍ବେକ୍ଷଣ ହୋଇଛି । ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହିତ ଜିଲାସ୍ତରୀୟ ଅଧିକାରୀଙ୍କ ମିଳିତ ଅନୁଧ୍ୟାନ କରାଯାଇ ଦୁର୍ବଳ ସ୍ଥାନ ଚିହ୍ନଟ କରାଯାଇଛି । ଲୁଣା ତଟବନ୍ଧର ବିଭିନ୍ନ ସ୍ଥାନରୁ ପଥର ପ୍ୟାକିଂ ଖସୁଛି । ସେହିପରି ଜିଲାରେ ଥିବା ୭ ନଦୀ ଓ ୨୭ ଶାଖା ନାଳର ବନ୍ଧ ଏବେ ସୁରକ୍ଷିତ ନୁହେଁ । ବର୍ଷା ପୂର୍ବରୁ ଏହାକୁ ମରାମତି ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

ଏସମ୍ପର୍କରେ କୃଷକ ନେତା ବିଧୂଭୂଷଣ ମହାପାତ୍ର କହିଛନ୍ତି, ଆଳି ବ୍ଲକ ଅଞ୍ଚଳ ଅଧୀନ ଗୋବିନ୍ଦପୁର, ଡିମିରିପାଳ, ପେତପଡା, ସଂସିଧା, ଏରଡଙ୍ଗ, ଦେସାହି, ପାଳମୀ, କେତୁଆପାଳ ଆଦି ୧୦ ପଞ୍ଚାୟତକୁ କାଣୀ, ଖରସ୍ରୋତା, ବ୍ରାହ୍ମଣୀ ନଦୀ ଘେରି ରହିଛି । ବାଳକାଟି, କୋଳଡ଼ିହ ଓ ମହୁ ଗ୍ରାମକୁ ଖରସ୍ରୋତା ଗିଳି ଚାଲିଛି । ଚୂନବନ୍ଧଠାରୁ ସାନଆଙ୍କୋ, ପତ୍ରପୁରଠାରୁ ଗୋପାଳପୁର, ଟୁଙ୍ଗାଠାରୁ ବଉଳଯୋଡି ନଦୀବନ୍ଧ ପଥରପ୍ୟାକିଂ ହୋଇଥିଲେ ମଧ୍ୟ ଶୋଚନୀୟ ଅବସ୍ଥାରେ ଅଛି । କେବଳ ଆଳି ବ୍ଲକ ଅଞ୍ଚଳରେ ଏହି ନଦୀବନ୍ଧ ସମସ୍ୟା ଦେଖାଯାଇନାହିଁ । ଜିଲାର ସମସ୍ତ କେନାଲ ବନ୍ଧର ଦୁରବସ୍ଥା ସ୍ଥାନୀୟ ଗ୍ରାମବାସୀଙ୍କୁ ଆତଙ୍କିତ କରିଥିବା ବେଳେ ଚାଷ ନଷ୍ଟ କରୁଛି । ନଦୀଗୁଡିକରେ ପ୍ରତିବର୍ଷ ବନ୍ୟାଜଳ ଆସି ଜିଲାର ଉପାନ୍ତ ଅଞ୍ଚଳରେ ଥିବା ୫୫ ପଞ୍ଚାୟତବାସୀଙ୍କ ଜୀବନଯାତ୍ରାରେ ବାଧା ସୃଷ୍ଟି କରୁଛି । ଲୁଣାତଟବନ୍ଧରେ ପଥର ପ୍ୟାକିଂ ଖସିଯାଉଥିବାରୁ ସମୁଦ୍ର ମାଡ଼ି ଆସିବା ଭୟ ସେମାନଙ୍କୁ ଆତଙ୍କିତ କରୁଛି । ମେ'ମାସ ସୁଦ୍ଧା ସମସ୍ତ ନଦୀ ଓ କେନାଲ ବନ୍ଧ ମରାମତି କାମ ସାରିବାକୁ ସେ ଦାବି କରିଛନ୍ତି । ବୁଦ୍ଧିଜୀବୀ ପ୍ରଶାନ୍ତ କୁମାର ନାୟକ କୁହନ୍ତି, କେନ୍ଦ୍ରାପଡ଼ା ଜିଲାରେ ଜଳ ସମ୍ପଦ ବିଭାଗର ଦୁଇ ଡିଭିଜନ ସହିତ ଆଳି ତଟବନ୍ଧ କାର୍ଯ୍ୟାଳୟ ଅଛି । ଏହି କାର୍ଯ୍ୟାଳୟ ମାଧ୍ୟମରେ ଜିଲାରେ ଥିବା ନଦୀ ଓ କେନାଲର ପରିଚାଳନା ହେଉଛି । ସେହିପରି ଜିଲାର ଶେଷ ମୁଣ୍ଡରେ ଥିବା ୪୮ କିଲୋମିଟର ଲମ୍ବର ସମୁଦ୍ର ତଟର ସୁରକ୍ଷା ଦାୟିତ୍ୱ ନେଇଛନ୍ତି । ଏହାସତ୍ତ୍ୱେ କ୍ଷେତ ପାଇଁ ଜଳ ପରିଚାଳନା ଜିଲାର ବଡ଼ ସମସ୍ୟା ହୋଇଛି । ସେହିପରି ପ୍ରତିବର୍ଷ ବନ୍ୟା ଭୟରେ ୫୫ ପଞ୍ଚାୟତବାସୀ ଆତଙ୍କିତ ହେଉଛନ୍ତି । ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ବର୍ଷାଦିନକୁ ଛାଡି ଅନ୍ୟ ଋତୁରେ କାମ ହୋଇପାରନ୍ତା । ତେବେ ବିଭାଗୀୟ ଅଧିକାରୀ ବର୍ଷାଦିନ ଆରମ୍ଭରେ ଦୁର୍ବଳ ଚିହ୍ନିତ ନଦୀବନ୍ଧରେ ମାଟି ଓ ବାଲି ପକାଇ ଅର୍ଥ ଲୁଟୁଛନ୍ତି । ଯୋଜନାର ଅର୍ଥ ଖର୍ଚ୍ଚ ସତ୍ତ୍ୱେ ସମସ୍ୟାର ସମାଧାନ ହେଉନାହିଁ । ବୁଦ୍ଧିଜୀବୀ ରାଧାକନ୍ତ ମହାନ୍ତି କୁହନ୍ତି, ନଦୀ ଜଳ ପରିଚାଳନା ଜିଲାର ବଡ ସମସ୍ୟା ହୋଇଛି । ସମୁଦ୍ର ମୁହାଣ ଓ ତଳମୁଣ୍ଡର ନଦୀ ଶଯ୍ୟା ପୋତି ହେଉଛି । ଏହାକୁ ଡ୍ରେଜିଂ କରା ନ ଯିବାରୁ ବନ୍ୟା ସମୟରେ ଉଦ୍‌ବୃତ ଜଳ ନିଷ୍କାସନ ହୋଇ ପାରୁନାହିଁ । ଏହା ବ୍ୟତୀତ ଜାନୁୟାରୀଠାରୁ ନଦୀଗୁଡିକ ଶୁଖିବା ଆରମ୍ଭ ହେଉଛି । ଫଳରେ ସ୍ଥାନୀୟ ଚାଷ ସହିତ ହେନ୍ତାଳବଣ ନଷ୍ଟ ହେଉଛି । ହେନ୍ତାଳବଣ ନଷ୍ଟ ଫଳରେ ତଟକ୍ଷୟ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ସାତଭାୟାବାସୀ ୧୫ କିଲୋମିଟର ଦୂର ବଗପାଟିଆକୁ ସ୍ଥାନାନ୍ତର ହୋଇଛନ୍ତି । ଜିଓ ସିନ୍ଥେଟିକ ଟ୍ୟୁବୱାଲ ଜୁଆର ମାଡକୁ ସହି ପାରୁନାହିଁ । ନଦୀ ଓ ନାଳରେ ବ୍ୟାରେଜ ଓ କ୍ରିକ୍ ବନ୍ଧ ପାଇଁ ସେ ମତ ରଖିଛନ୍ତି । ଏସମ୍ପର୍କରେ ଜିଲା ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂ.ଉମେଶ ଚନ୍ଦ୍ର ସେଠୀ କୁହନ୍ତି, ଚଳିତ ବର୍ଷ ପାଇଁ ଦୁର୍ବଳ ନଦୀବନ୍ଧର ସ୍ଥାନ ଚିହ୍ନଟ ହୋଇଛି । ଖରାଦିନ ମଧ୍ୟରେ ଏହାର ମରାମତି କରାଯିବ ।


ଲୁଣାନଦୀରେ ପଥର ପ୍ୟାକିଂ ଖସିଛି ।

### ସେବା,ସମର୍ପଣ ଦ୍ୱାରା ଈଶ୍ୱରଙ୍କ କୃପା ମିଳିଥାଏ

#### ସ୍ୱାମୀ ନାରାୟଣଙ୍କ ସନ୍ଥ-ଭକ୍ତ ସମ୍ମିଳନୀ

ମାର୍ଶାଘାଇ,୧୦।୪(ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତ ମଧୁସୂଦନପୁର ଗ୍ରାମରେ ରବିବାର ସନ୍ଧ୍ୟାରେ ସ୍ୱାମୀ ନାରାୟଣଙ୍କ ସନ୍ଥ-ଭକ୍ତ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଦୟାନିଧି ପଟ୍ଟନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମିଳନୀରେ ପୂର୍ଣ୍ଣବତ୍ସଳ ସ୍ୱାମୀ ଓ ନିର୍ମଳ ସେବା ଦାସସ୍ୱାମୀ ଯୋଗ ଦେଇ ସେବା ଓ ସମର୍ପଣ ଦ୍ୱାରା ଈଶ୍ୱରଙ୍କ କୃପା ଲାଭ ହୋଇଥାଏ । ମଣିଷ ନିଜର ତନ,ମନ, ଧନକୁ ଭଗବାନଙ୍କ ଚରଣ କମଳରେ ସମର୍ପି ଦେଲେ ନିଜର ସମସ୍ତ ପାପକ୍ଷୟ ହୋଇ ବିଭୁ କୃପା ମିଳିଥାଏ ବୋଲି ମତବ୍ୟକ୍ତ କରିଥିଲେ । ଏହି ସମ୍ମିଳନୀରେ ମଙ୍ଗରାଜପୁର, ବଟିରା, ଅନ୍ତେଇ, ଡିଖିରୀ ଆଦି ପଞ୍ଚାୟତରୁ ସାହସ୍ରାଧିକ ଭକ୍ତ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅଧାପକ ସୁବାସ ଚନ୍ଦ୍ର ନାୟକ, ଜିଲା ପରିଷଦ ସଭ୍ୟ ପ୍ରତାପ ମଲ୍ଲିକ, ମଙ୍ଗରାଜପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ସରୋଜକାନ୍ତ ମଲ୍ଲିକ, ଅଧିକାରୀ ପବିତ୍ର ମୋହନ ଦାସ, ଆଇନଜୀବୀ ବିଭୁତି ଭୂଷଣ ଦାସ, ସନ୍ତୋଷ ଖଟୁଆ ଯୋଗ ଦେଇଥିଲେ । ଗିରିଶ ଚନ୍ଦ୍ର ପଣ୍ଡା ଗ୍ରାମରେ ସ୍ୱାମୀ ନାରାୟଣଙ୍କ ମନ୍ଦିର ନିର୍ମାଣ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ।

## ପଲ୍ଲୀରେ ପ୍ରଶାସନ: ନହଙ୍ଗ ପଞ୍ଚାୟତରେ ୨୦୧ ଅଭିଯୋଗ

ଡେରାବିଶ,୧୦।୪ (ସ୍ୱ.ପ୍ର.)

ଡେରାବିଶ ବ୍ଲକ ଅଧୀନ ନହଙ୍ଗ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପଲ୍ଲୀରେ ପ୍ରଶାସନ କର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲିକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିବା ବେଳେ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ସରପଞ୍ଚ ବିଳାଶିନୀ ସେଠୀ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ, ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିଲେ । ତେବେ ଏହି ଉପଲକ୍ଷେ ଅନୁଷ୍ଠିତ ଶିବିରରେ ବିଡିଓ ଦାସରଥି ଜେନା, ତହସିଲଦାର ଅକ୍ଷୟ ପରିଡା, ଏବିଡିଓ ଭଞ୍ଜକିଶୋର ନାୟକ ଉପସ୍ଥିତ ରହି ପଞ୍ଚାୟତର ବିଭିନ୍ନ ଗାଁରୁ ଆସିଥିବା ୨୦୧ଟି ଅଭିଯୋଗର ଶୁଣାଣି କରିଥିଲେ । ତେବେ କେତେଗୋଟି ଅଭିଯୋଗର ଶୁଣାଣି କରି ସମାଧାନ କରାଯାଇଥିବା ବେଳେ ଅନ୍ୟଗୁଡିକର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଇଛି । ଏଥିରେ ୧୦ରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇ ଜୀବିକା ମିଶନର ସଂଯୋଜକ ରତିକାନ୍ତ ପଟ୍ଟନାୟକ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ, ଉଦ୍ୟାନ କୃଷି ବିଭାଗର କୈଳାସ ଜେନା, ପ୍ରାଣୀଧନ ବିଭାଗର ମହେଶ୍ୱର ମଲିକ, ସହକାରୀ ସାମାଜିକ ସୁରକ୍ଷା ଅଧିକାରୀ ଚୌଧୁରୀ ଦୀପକ କୁମାରଙ୍କ ସମତେ ବ୍ଲକର ଅନ୍ୟ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ । ଏହି ଅବସରରେ ବୀରନୀଳକଣ୍ଠପୁର ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଖୋଲାଯାଇ ଡା. ଧର୍ମେନ୍ଦ୍ର ସିଂଙ୍କ ତତ୍ତ୍ୱାବଧାନରେ ଲୋକମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ଏହାକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଆଦିତ୍ୟ କୁମାର ରାଉତ, ଗ୍ରାମ୍ୟ ରୋଜଗାର ସେବକ ଅଲେଖ ଚନ୍ଦ୍ର ପୃଷ୍ଟି, କୃତ୍ତିବାସ ସେଠୀ ଓ ମନ୍ମଥ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।


ଶିବିରକୁ ଆସିଥିବା ଅଭିଯୋଗକାରୀ ।

## ସୂଚନା ଅଧିକାର ଅଭିଯାନ ପକ୍ଷରୁ ପ୍ରଶିକ୍ଷଣ ଶିବିର

ରାଜକନିକା,୧୦।୪(ଡି.ଏନ୍.ଏ.)

ସୂଚନା ଅଧିକାର ଅଭିଯାନ ପକ୍ଷରୁ ରାଜକନିକା କନିକା ରିଡିଂ ରୁମ୍‌ଠାରେ ରବିବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରପଡ଼ା ଜିଲା ସୂଚନା ଅଧିକାର ଅଭିଯାନ ଆବାହକ ପ୍ରତାପ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ରାଜକନିକା ବ୍ଲକରୁ ୫୦ରୁ ଊର୍ଦ୍ଧ୍ୱ ସୂଚନା ଅଧିକାର କର୍ମୀ ଓ ସାମାଜିକ କର୍ମୀ ଉପସ୍ଥିତ ରହି ନିଜ ନିଜର ହକ୍ ପାଇବା ତଥା ସରକାରୀସ୍ତରରେ ହେଉଥିବା ଦୁର୍ନୀତି କିପରି ଲୋକଲୋଚନକୁ ଆଣିଯାଇ ପାରିବ ସେ ସମ୍ପର୍କରେ ନିଜର ମତ ରଖିଥିଲେ । ଏହି ପ୍ରଶିକ୍ଷଣ ଶିବିରରେ ସ୍ୱରାଜ କୁମାର ଦାସ, ନିରାକାର ସ୍ୱାଇଁ, ସୁଶାନ୍ତ ନାୟକ, ସିଲୁ କୁମାର ସିଂ, ବିଜୟ ଦାସ, ରିୟାନ୍ ଖାଁ, ସୁଧାକର ମଲ୍ଲିକ, ରଜତ ଦାସ, କୈଳାସ ନାୟକ, ରତିକାନ୍ତ ନାୟକ, ଜଗନ୍ନାଥ ସାମଲ, ରାଜେଶ ବିଶ୍ୱାଳ, ସମୀର ନାଥ, ବିଦ୍ୟାଧର ପ୍ରଧାନ, ଶୁଭ୍ରଜିତ୍ ବିଶ୍ୱାଳ, ଗଦାଧର ପ୍ରଧାନ, ବିଜୟ ବେହେରା, ସୁରେଶ ମହାନ୍ତି, ଶଶିକାନ୍ତ ବିଶ୍ୱାଳ, ବିସ୍ମୟ ରଞ୍ଜନ ମଲ୍ଲିକ, ସଞ୍ଜୟ ବ୍ରହ୍ମା ଓ ଦୁଷ୍ମନ୍ତ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

## ରାମଚଣ୍ଡୀଙ୍କ ଝାମୁ ଯାତ୍ରା ମେଳା ପାଇଁ ପ୍ରସ୍ତୁତି

ମହାକାଳପଡ଼ା,୧୦।୪(ଡି.ଏନ.ଏ.)

- ମନ୍ଦିର ପୋଖରୀ ଜଳ ପ୍ରଦୂଷିତ
- ଆସିଲେଣି ଅନ୍ୟ ରାଜ୍ୟର ବ୍ୟବସାୟୀ
- ୫୦ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବ
- ୭ ଦିନ ଚାଲିବ ମେଳା

କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ଶକ୍ତି ପୀଠ ଦରିଆ ପାରି ମା'ରାମଚଣ୍ଡୀଙ୍କ ମହାବିଷୁବ ସଂକ୍ରାନ୍ତି ତଥା ଝାମୁ ଯାତ୍ରା ଶୁକ୍ରବାର ଅନୁଷ୍ଠିତ ହେବ । ଏହି ଅବସରରେ ମା'ଙ୍କ ପୀଠରେ ୭ ଦିନ ଧରି ମେଳା ପାଇଁ ପ୍ରସ୍ତୁତି ଚାଲିଛି । ଏହି ମେଳାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥାଏ । ଏହାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ହେଲେ ଝାମୁଯାତ୍ରାକୁ କିପରି ଶାନ୍ତଶୃଙ୍ଖଳାର ସହିତ ଶେଷ କରାଯିବ ସେଥିପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ ବୋଲି ଅଭିଯୋଗ ହୋଇଛି । ବିଭିନ୍ନ ଅଞ୍ଚଳରୁ ଆସିଥିବା ବ୍ୟବସାୟୀମାନେ ମେଳା ପଡ଼ିଆରେ ଦୋକାନ ଖୋଲିବା ପାଇଁ ଲାଗିଛନ୍ତି । ସେମାନଙ୍କ ପାଇଁ କୌଣସି ସ୍ଥାନରେ ଛାମୁଡ଼ିଆର ବ୍ୟବସ୍ଥା କରାଯାଇନାହିଁ । ମନ୍ଦିର ପୋଖରୀ ଜଳ ପ୍ରଦୂଷିତ ଅବସ୍ଥାରେ ରହିଛି । ସେଥିରୁ ପଙ୍କ କାଢ଼ିବାର ବ୍ୟବସ୍ଥା କରାଯାଇନାହିଁ । ବ୍ୟବସାୟୀମାନଙ୍କ ପାଇଁ ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା ହୋଇନାହିଁ । ଅନ୍ୟପକ୍ଷେ ଉକ୍ତ ମେଳାରୁ ଲକ୍ଷାଧିକ ଟଙ୍କା ରାଜସ୍ୱ ଆଦାୟ ହେଉଥିବା ବେଳେ ମା'ଙ୍କ ମନ୍ଦିରକୁ ରଙ୍ଗ ସଫେଇତ କରାଯାଉନାହିଁ ବୋଲି ସ୍ଥାନୀୟ ଶ୍ରଦ୍ଧାଳୁମାନେ କହିଛନ୍ତି । ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ଜରୁରୀ ବୋଲି ମା'ରାମଚଣ୍ଡୀ ସେନା ପକ୍ଷରୁ ଗୁରୁତ୍ୱାରୋପ କରାଯାଇଛି । ମନ୍ଦିର ବେଢ଼ା ପରିସରରେ ଅଳିଆ ଆବର୍ଜନା ଗଦା ହୋଇଥିଲେ ମଧ୍ୟ ସ୍ୱଚ୍ଛତା ପ୍ରତି ଦୃଷ୍ଟି ନାହିଁ । ଅନ୍ୟପକ୍ଷେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି ଜମ୍ବୁ ସାମୁଦ୍ରିକ ଥାନା ଅଧିକାରୀ ପରେଶ କୁମାର ମହାନ୍ତି କହିଛନ୍ତି । ତୁରନ୍ତ ମେଳାରେ ଜଳ ଯୋଗାଣ , ପରିମଳ , ଅଗ୍ନି ନିରାପତ୍ତା, ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଶୌଚାଳୟ ନିର୍ମାଣ ପାଇଁ ଦାବି କରିଛନ୍ତି ମା'ରାମଚଣ୍ଡୀ ଆଞ୍ଚଳିକ ସେନା ଆବାହକ ଲକ୍ଷ୍ମୀକାନ୍ତ ସ୍ୱାଇଁ । -ବିଭିନ୍ନ ସ୍ଥାନରୁ ଆସିଥିବା ବ୍ୟବସାୟୀ ଦୋକାନ ଖୋଲିବା ପାଇଁ ପ୍ରସ୍ତୁତି ଚଳାଇଛନ୍ତି ।


ଅବହେଳିତ ଭାବେ ରହିଥିବା ମନ୍ଦିର ପୋଖରୀ ।

## କଳା, ସାହିତ୍ୟ,ସଂସ୍କୃତିର ପୁନରୁଦ୍ଧାର ଉପରେ ଗୁରୁତ୍ୱ

ରାଜକନିକା,୧୦।୪(ଡି.ଏନ୍.ଏ.)

### ନନ୍ଦ ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା ଜିଲାର ଐତିହ ସମ୍ପନ୍ନ ରାଜକନିକାର ଗାରିମାମୟ ଅଧ୍ୟାୟକୁ ଉଜ୍ଜିବିତ କରିବା ଲକ୍ଷ୍ୟନେଇ କନିକା ପୂଜ୍ୟପୂଜା ପରିଷଦ ପ୍ରୟାସ ଆରମ୍ଭ କରିଛି । ଏଥିପାଇଁ ଏପ୍ରିଲ୍ ୧ରେ ଏକ ଚିନ୍ତନ ବୈଠକ ଅନୁଷ୍ଠିତ ହୋଇଥିଲା । ସେହି ବୈଠକର ନିଷ୍ପତ୍ତି ଅନୁଯାୟୀ ରବିବାର ପୂର୍ବାହ୍ନରେ କଣ୍ଟପଡ଼ାସ୍ଥିତି କେଶବାନନ୍ଦ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ ପରିଷଦର ସମ୍ପାଦକ କପିଳ ଚରଣ ମିଶ୍ରଙ୍କ ସଂଯୋଜନା ତଥା ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାକାର ଚୟନ ପ୍ରକ୍ରିୟାରେ ବଡ଼ାଗର ଗ୍ରାମରୁ ୫, ଆରସା ଗ୍ରାମରୁ ୫ ଓ ପୂଜ୍ୟପୂଜା ପରିଷଦରୁ ୫ଜଣଙ୍କୁ ନେଇ ଚୟନ କମିଟି ଗଠନ କରାଯାଇଛି । ୨ଜଣ ନିର୍ଦ୍ଦେଶକଙ୍କ ମାଧ୍ୟମରେ ଆଗାମୀ ରଜସଂକ୍ରାନ୍ତୀ ମଧ୍ୟରେ କଳାକାର ଚୟନ ପ୍ରକ୍ରିୟା ଶେଷ କରାଯାଇ ମୁଖସ୍ଥ ପାଇଁ ନାଟିକାରେ ଥିବା ଗୀତଗୁଡ଼ିକ ଯୋଗାଇ ଦିଆଯାଇଛି । ତା୧।୧୦।୨୦୨୩ରିଖ ସୁଦ୍ଧା ବଡ଼ାଗରସ୍ଥିତ କଲ୍ୟାଣ ମଣ୍ଡପରେ ଆଖଡ଼ା ଆରମ୍ଭ ହେବ ବୋଲି ବୈଠକରେ ସ୍ଥିର କରାଯାଇଛି । ।ଆସନ୍ତା ବର୍ଷ ବସନ୍ତ ପଞ୍ଚମୀରୁ ଦୋଳ ପୂର୍ଣ୍ଣିମା ମଧ୍ୟରେ ନାଟିକା ମଞ୍ଚସ୍ଥ କରାଯିବାକୁ ସ୍ଥିର କରାଯାଇଥିଲା । ଏହାବାଦ୍ ପାଣ୍ଠିର ଆବଶ୍ୟତା ବିଷୟରେ ବୈଠକରେ ଆଲୋଚନା ହୋଇଥିଲା ।

ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଗୁଣନିଧି ବଳ, ପୂଜ୍ୟପୂଜା ପରିଷଦର ବରିଷ୍ଠ ସଭ୍ୟ ଶିକ୍ଷାବିତ୍ ଭାଗିରଥି ସାମଲ, ଶିକ୍ଷାବିତ୍ କାଳିପ୍ରସାଦ ନାୟକ, ପ୍ରାଧାପକ ସୁରେଶ ମିଶ୍ର, ଶିକ୍ଷାବିତ୍ ଗୋପୀନାଥ ଦାଶ, ଅଧାପକ ବିଭୂତି ବିଶ୍ୱାଳ, ବାସୁଦେବ ବେହେରା, ବେଣୁଧର ପରିଡ଼ା, ଦେବେନ୍ଦ୍ର କୁମାର ନାୟକ, ପ୍ରଦ୍ୟୁମ୍ନ କୁମାର ସାହୁ, ସୌଭାଗ୍ୟ କୁମାର ନାୟକ, ଲକ୍ଷ୍ମଣ ସାହୁ, ମାନସ ନାୟକ, ଗୋବିନ୍ଦ ଚନ୍ଦ୍ର ନାୟକ, ଗୌରହରି ସାମଲଙ୍କ ସମେତ ଗଣମାଧ୍ୟମ ପ୍ରତିନିଧି ସୁକାନ୍ତ କୁମାର ଦାଶ, ସଞ୍ଜୟ କୁମାର ଦାଶ ଓ ଅଜୟ ରାଉତ ପ୍ରମୁଖ ନିଜ ନିଜର ମତାମତ ରଖିଥିଲେ ।

## ନଦୀରୁ ନବଜାତ ଶିଶୁ କନ୍ୟାର ମୃତଦେହ ଜବତ

ମାର୍ଶାଘାଇ,୧୦।୪(ଡି.ଏନ୍.ଏ.)

ମାର୍ଶାଘାଇ ଥାନା ଅନ୍ତର୍ଗତ ରାମିଆଗଞ୍ଜ ଗ୍ରାମ କଳାପୋଲ ନିକଟସ୍ଥ ଗୋବରୀ ନଦୀରୁ ଏକ ନବଜାତ ଶିଶୁକନ୍ୟାର ମୃତଦେହ ଜବତ କରାଯାଇଛି । ସ୍ଥାନୀୟ ଶିବମନ୍ଦିରର ପୂଜକ ସକାଳୁ ଗୋବରୀ ନଦୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ ନଦୀରେ ଏକ ମୃତ ଶିଶୁ ଭାସୁଥିବା ଦେଖି ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀ ଏ ସଂକ୍ରାନ୍ତରେ ପୋଲିସକୁ ଜଣାଇଥିଲେ । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଡାକ୍ତରଖାନା ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୧୪/୨୩) ରୁଜୁ ହୋଇଛି । ଏହି ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତ ଶିଶୁର ପରିଚୟ ମିଳିନାହିଁ ।

## ଶିଶୁଙ୍କ ବୌଦ୍ଧିକ, ମାନସିକ ବିକାଶ ଦରକାର

ରାଜନଗର,୧୦।୪(ଡି.ଏନ.ଏ.)

### ପୂର୍ଣ୍ୟତୋୟା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

ସ୍ଥାନୀୟ ମଦନପୁରସ୍ଥିତ ପୂର୍ଣ୍ୟତୋୟା ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟା ମନ୍ଦିରର ଅଧ୍ୟକ୍ଷା ସୁଜାତା ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗଦେଇ କୋମଳମତି ଶିଶୁମାନଙ୍କର ବୌଦ୍ଧିକ, ମାନସିକ ବିକାଶ କ୍ଷେତ୍ରରେ ପ୍ରତିଟି ମା'ଙ୍କର ଭୂମିକା ଏବଂ ମାନବୀୟ କର୍ତ୍ତବ୍ୟ ଉପରେ ଭାଷଣ ଦେଇଥିଲେ । ମୁଖ୍ୟବକ୍ତା ଭାବେ କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ, ସମ୍ମାନୀତ ବକ୍ତା ଭାବେ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ରାଜନଗର ପଞ୍ଚାୟତ ସମିତି ଅଧକ୍ଷା ପ୍ରତିଭା ପାତ୍ର, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧିକାରୀ ଅନ୍ତର୍ଯ୍ୟାମୀ ବିଶ୍ୱାଳ, ଖବରଦାତା ଭସ୍କର ରାଉତରାୟ, ସରପଞ୍ଚ ଦମୟନ୍ତୀ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ । ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ପ୍ରାଧାପକ ଶୁଭକାନ୍ତ ନାୟକ ସ୍ୱାଗତ ଭାଷଣ, ଅଧକ୍ଷା ନାୟକ ବାର୍ଷିକ ବିବରଣୀ ପାଠ କରିବା ସହିତ ଦୀର୍ଘ ୧୭ବର୍ଷର ସଂଘର୍ଷପୂର୍ଣ୍ଣ ବିଶେଷକରି କରୋନା ମହାମାରୀ ସମୟରେ ସାମ୍ନା କରିଥିବା ଘଡିସନ୍ଧି ମୁହୂର୍ତ୍ତକୁ ବର୍ଣ୍ଣନା କରିବା ସମୟରେ ଭାବବିହ୍ୱଳ ହୋଇପଡିଥିଲେ । ଏହି କାର୍ଯ୍ୟକ୍ରମରେ ବିଜୟ ନାୟକ, ସମବାୟବିତ୍ ସୁବାସ ଚନ୍ଦ୍ର ଦାସ, ସରପଞ୍ଚ ଗୋଲେଖ ବିହାରୀ ସ୍ୱାଇଁ, ସରପଞ୍ଚ ଅନିଲ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟ ଅତିଥି ସାହୁ କୃତି ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ଛାତ୍ର ଛାତ୍ରୀଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା । ବିଦ୍ୟାମନ୍ଦିରର ସମସ୍ତ ଗୁରୁମାଗୁରୁଜି ଓ ଏହାକୁ ପରିଚାଳନା କରିଥିଲେ ।

## ୩ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ


ଜବରଦଖଲ ହୋଇଥିବା ଜମି ।


ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରୁଛନ୍ତି ।

ଡେରାବିଶ,୧୦।୪ (ସ୍ୱ.ପ୍ର.)

ଡେରାବିଶ ତହସିଲ ଅଧୀନ ବାରିମୂଳ ପଞ୍ଚାୟତ ରାୟପୁର ଗ୍ରାମରେ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଗୋଚର, ଅନାବାଦୀ, ଜଙ୍ଗଲ କିସମ ଜମିକୁ ଜଣେ ବ୍ୟକ୍ତି ଜବରଦଖଲ କରିବା ପ୍ରତିବାଦରେ ସୋମବାର ଡେରାବିଶ ତହସିଲଦାରଙ୍କ ନିକଟରେ ସମ୍ପୃକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏପରିକି ଏହି ସରକାରୀ ଜମିରେ ଥିବା ଏକ ନାଳକୁ ମଧ ପୋତି ଦିଆଯାଇଥିବାରୁ ସମ୍ପୃକ୍ତ ପଞ୍ଚାୟତର ୮ଟି ରାଜସ୍ୱ ଗ୍ରାମର ଚାଷୀମାନେ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବାର ଆଶଙ୍କା ସୃଷ୍ଟି ହୋଇଛି । ତହସିଲଦାରଙ୍କୁ ଦିଆଯାଇଥିବା ଅଭିଯୋଗରେ ପାଟକୁରା ଥାନା ବନ୍ଧକଟା ଗ୍ରାମର ଜଣେ ବ୍ୟକ୍ତି ଜୋର ଜବରଦସ୍ତ ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଗୋଚର, ଜଙ୍ଗଲ, ଅନାବାଦୀ ସମେତ ପାଣି ନାଳ ପ୍ରାୟ ୩ ଏକରରୁ ଊର୍ଦ୍ଧ୍ୱ ଜମି ଜବରଦଖଲ କରିଛନ୍ତି । ଏହାର ପ୍ରତିବାଦ କଲେ ସମ୍ପୃକ୍ତ ବ୍ୟକ୍ତି ଜଣକ କେତେଜଣ ବ୍ୟକ୍ତିଙ୍କୁ ଗ୍ରାମ ମଧ୍ୟକୁ ଆଣି ଗ୍ରାମବାସୀଙ୍କୁ ଭୟଭୀତ କରାଉଛନ୍ତି । ତେବେ ଏହି ସ୍ଥାନରୁ ସମ୍ପୃକ୍ତ ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ବାରିମୂଳ ସମିତିସଭ୍ୟ ତଥା ବ୍ଲକର ପୂର୍ବତନ ଅଧକ୍ଷ ସରୋଜକାନ୍ତ ସାହୁ, ପୂର୍ବତନ ସରପଞ୍ଚ ଶୁଦ୍ଧଦେବ ବେହେରାଙ୍କ ନେତୃତ୍ୱରେ ବହୁ ସଂଖ୍ୟାରେ ଗ୍ରାମବାସୀ ତହସିଲଦାରଙ୍କୁ ଭେଟି ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି । ତେବେ ତହସିଲଦାର ଅକ୍ଷୟ ପରିଡ଼ା ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ସମସ୍ତ ଅନୁସନ୍ଧାନ କରିବା ପରେ ଯାହା କିଛି ପଦକ୍ଷେପ ନେବେ ବୋଲି ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ତେବେ ତହସିଲଦାରଙ୍କୁ ଭେଟିଥିବା ଗ୍ରାମବାସୀ ହେଲେ ଯଶୋବନ୍ତ ଜେନା, ପଞ୍ଚୁ ମଳିକ, ନରେନ୍ଦ୍ର ଦାସ, ନୃସିଂହ ମଳିକ, ନିରଞ୍ଜନ ମଳିକ, ସମୀରକାନ୍ତ ପଣ୍ଡା, ବାସୁଦେବ ପଣ୍ଡା, ସତ୍ୟବ୍ରତ ଦାସ ପ୍ରମୁଖ ।

## ସଂକ୍ଷେପରେ

### ପାରାଦୀପ କଲେଜରେ ପ୍ରାଥମିକ ଚିକିତ୍ସା ଶିବିର

ପାରାଦୀପ, ୧୦।୪(ସ୍ୱ.ପ୍ର.): ପାରାଦୀପ କଲେଜ ପରିସରରେ ସୋମବାର ଯୁବ ରେଡ୍‌କ୍ରସ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ରହ୍ମାନନ୍ଦ ବିଶ୍ୱାଳ, ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଜୀବନ ଉପରେ ପରାମର୍ଶ ଦେଇଥିଲେ। ୫୦ରୁ ଅଧିକ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଶେଷରେ ଅଧାପିକା ଶାଶ୍ୱତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ଶିଶୁମାନଙ୍କ ପୁଷ୍ଟିହୀନତା ପରିଚାଳନା କର୍ମଶାଳା

ବାଲିଆ, ୧୦।୪(ସ୍ୱ.ପ୍ର.): ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଦିବସୀୟ ଗୋଷ୍ଠୀସ୍ତରୀୟ ଶିଶୁମାନଙ୍କର ଅତିଶୟ ପୁଷ୍ଟିହୀନତାର ଚିହ୍ନଟ ଏବଂ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ରାକେଶ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ବିରିଡି, ଅଡ଼ଙ୍ଗଗଡ଼, ବାଗଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ରୋଗୀ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ, ଅଙ୍ଗନୱାଡି ସୁପରଭାଇଜର ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ରାଜ୍ୟରୁ ତାଲିମ ଦେଇଥିବା ପ୍ରଶିକ୍ଷକ ଡ. ଲୋକନାଥ ସାହୁ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୬ ମାସରୁ ୫୯ ମାସର ସମସ୍ତ ଶିଶୁମାନଙ୍କୁ ଆଶା, ଅଙ୍ଗନୱାଡି ତଥା ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଓଜନ, ଲମ୍ବା, ଉଚ୍ଚତା ଏବଂ ୨ ଗୋଡ ଫୁଲା ମାନଦଣ୍ଡ ଅନୁଶାରେ ଅତିଶୟ ପୁଷ୍ଟିହୀନତାର ଚିହ୍ନଟ କରଣ କରିଥିବା ସ୍ୱାସ୍ଥ୍ୟଗତ ଜଟିଳତାକୁ ଚିହ୍ନଟ କରି ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ୧୧୨ ଦିନ ଚିକିତ୍ସା କରିବା ସହିତ ସ୍ୱାସ୍ଥ୍ୟ ପୃଷ୍ଟି ପରାମର୍ଶ ଦେବା, ପୃଷ୍ଟିକର ଖାଦ୍ୟ ଦେଇ ସାଧରଣ ପିଲାରେ ପରିବର୍ତ୍ତନ କରିପାରିବା ବୋଲି କହିଥିଲେ। ବିପିଏମ୍ ସ୍ମୃତିରେଖା ମହାନ୍ତି ଓ ପିଏଚ୍ ଇଓ ଭବାନୀ ହଲଦାର କର୍ମଶାଳାର ପରିଚାଳନା କରିଥିଲେ।

### ବରିଷ୍ଠ ନାଗରିକଙ୍କୁ ନେଇ ଡିଜିଟାଲ ସେଫ୍ଟି ଟ୍ରେନିଂ

ବାଲିଆ, ୧୦।୪(ସ୍ୱ.ପ୍ର.): ବିରିଡି ବ୍ଲକର ୩୩ରୁ ଊର୍ଦ୍ଧ୍ୱ ବରିଷ୍ଠ ନାଗରିକଙ୍କୁ ନେଇ ହେଲପ୍ ଏଜ୍ ଇଣ୍ଡିଆ ଅନୁକୂଲ୍ୟରେ ଡିଜିଟାଲ ସେଫ୍ଟି ଟ୍ରେନିଂ ପ୍ରଦାନ କରାଯାଇଥିଲା। ଶଙ୍ଖପୁର ପଞ୍ଚାୟତ ବରିଷ୍ଠ ନାଗରିକ ମଞ୍ଚର ସଭାପତି ହୃଦାନନ୍ଦ ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ପ୍ରଜେକ୍ଟ କୋଅଡିନେଟର ଦେବଶ୍ରୀ ବ୍ରହ୍ମା ସହ ଯୋଗୀ ବର୍ଣ୍ଣାଳୀ ସେନାପତି, ସ୍ମୃତି ଦାସ ଯୋଗ ଦେଇଥିଲେ। ସେମାନେ କହିଥିଲେ, ବ୍ୟବହାର କରୁଥିବା ମୋବାଇଲ ଏବଂ ଡିଜିଟାଲ ଉପକରଣରେ ଦେଖା ଦେଇଥିବା ସାଇବର ଅପରାଧରୁ କିପରି ଦୂରେଇ ରହିବା, ନିଜର ଆବଶ୍ୟକତା ଅନୁଯାୟୀ ଡିଜିଟାଲ କାର୍ଯ୍ୟକୁ ଅତି ସତର୍କତାର ସହିତ ସମ୍ପାଦନ କରିବା ସମ୍ପର୍କରେ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଣ୍ଡୁରି ଚରଣ ବେହେରା, ସୁଦର୍ଶନ ଭୋଇ, ପଦ୍ମନାଭ ଭୋଇ, ପ୍ରଶାନ୍ତ କୁମାର ମିଶ୍ର, ନିରଞ୍ଜନ ବେହେରା, ଯୁଧିଷ୍ଠିର ଦାସ, ଗୁରୁପ୍ରସାଦ ଦାସ, ଭିମସେନ ମହାନ୍ତି, ଅଞ୍ଜନ ବିଶ୍ୱାଳ, ସୁରେନ୍ଦ୍ର ନାୟକ, ଗୁଣ୍ଡୁଚି ଓଝା, ରବୀନ୍ଦ୍ର ପଟ୍ଟନାୟକ ଓ ଅନ୍ୟମାନେ ଯୋଗଦେଇଥିଲେ।

# ପ୍ରବଳ ଗ୍ରୀଷ୍ମ, ଏଯାଏ ଜଳଛତ୍ର ଖୋଲିଲାନି

ଜଗତ୍‌ସିଂହପୁର ଅଫିସ, ୧୦।୩

ଏବେଠୁ ଅସହ୍ୟ ଗ୍ରୀଷ୍ମ। ଏ ପରିସ୍ଥିତିରେ ସାଧାରଣ ଲୋକଙ୍କଠାରୁ ବୁଲା ପ୍ରାଣୀଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକ ଅସ୍ତବ୍ୟସ୍ତ ହେବାକୁ ଲାଗିଲେଣି। ବିଶେଷକରି ଜଗତ୍‌ସିଂହପୁର ସହରରେ ଏକାଧିକ ଜଳାଶୟ ଶୁଖିବା ସାଙ୍ଗକୁ ସହରରେ ପାନୀୟ ଜଳ ସୁବିଧା କରାଯାଇ ନ ଥିବାରୁ ବୁଲା ପ୍ରାଣୀଙ୍କ ପାଇଁ ଅଡୁଆ ବଢିଛି। ଆଗକୁ ତାତି ଆହୁରି ଜଟିଳ ହେବାର ସମ୍ଭାବନା ଥିବାରୁ ସମ୍ଭାବ୍ୟ ପରିସ୍ଥିତିକୁ ନେଇ ସାଧାରଣରେ ଚିନ୍ତା ବଢିବାରେ ଲାଗିଲାଣି।

ପ୍ରତିବର୍ଷ ତାପମାତ୍ରା ନିୟନ୍ତ୍ରଣ ପାଇଁ ବ୍ୟାପକ ବୃକ୍ଷରୋପଣ, ଜଳାଶୟ ପୁନରୁଦ୍ଧାର ଆଦି କରାଯାଉ ବୋଲି ଦାବି ହୋଇ ଆସୁଛି। ସରକାରୀସ୍ତରରେ ମଧ୍ୟ ଔପଚାରିକତା ପୂରଣ ପାଇଁ ଗ୍ରୀଷ୍ମ ପ୍ରବାହର ମୁକାବିଲା ସଂକ୍ରାନ୍ତୀୟ ପ୍ରସ୍ତୁତି ବୈଠକ ହେଉଛି। ଏଥିରେ ସମ୍ଭାବ୍ୟ ପରିସ୍ଥିତିକୁ ଏଡ଼ାଇବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବ ବୋଲି ଚିରାଚରିତ ଢ଼ଙ୍ଗରେ ଘୋଷଣା କରାଯାଉଛି। ବାସ୍ତବ କ୍ଷେତ୍ରରେ କିନ୍ତୁ ଆବଶ୍ୟକତା ପୂରଣ ହେଉନି। ବନ ବିଭାଗ, ଶିଳ୍ପ ସଂସ୍ଥା ଆଦି ବୃକ୍ଷ ରୋପଣ ଆଳରେ କାଗଜକଲମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଦର୍ଶାଉଛନ୍ତି। ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯିବ ବୋଲି କୁହାଯାଉଛି। କିନ୍ତୁ ଆଶାଜନକ କାର୍ଯ୍ୟ କରାଯାଉ ନ ଥିବାରୁ ଅସନ୍ତୋଷ ବଢୁଛି। ସୂଚନା ଅନୁଯାୟୀ, ଜଗତ୍‌ସିଂହପୁର ସହରର ଏକାଧିକ ଜଳାଶୟ ପୋତି ହୋଇଗଲାଣି। ସେଥିମଧ୍ୟରୁ ଦେଉଳୀ ଗ୍ରାମେଶ୍ୱର ବାରିକ ସାହି ଓ ୱାର୍ଡ ୨ ଅନ୍ତର୍ଗତ ବଡ଼ବାଗ ସର୍ବାଙ୍ଗସୁନ୍ଦରୀଙ୍କ ମନ୍ଦିର ଏବଂ ମୁଚୁକୁନ୍ଦ ସୋମନାଥ ମନ୍ଦିର ନିକଟରେ ଥିବା ପୋଖରୀ ପୋତି ହୋଇଗଲାଣି। ୧୮ ନଂ. ୱାର୍ଡ ବେହେରା ସାହି ପାଖ ପୋଖରୀ ଜନସାଧାରଣଙ୍କ ବହୁ କାମରେ ଲାଗେ। ଚାରିପଟେ ମଶାଣି ଅଛି। କୌଣସି ଲୋକଙ୍କ ମୃତ୍ୟୁ ହୋଇଗଲେ ଶୁଦ୍ଧକ୍ରିୟା ଆଦି ସେଠାରେ ହୁଏ। ଏଥିରୁ ପାଣି ଶୁଖିବା ଦ୍ୱାରା ଲୋକେ, ଗୃହପାଳିତ ପ୍ରାଣୀ ହଇରାଣ ହେଉଛନ୍ତି। ଏହିପରି ଏକାଧିକ ଜଳାଶୟ ପୁନରୁଦ୍ଧାରର ଆବଶ୍ୟକତା ଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ ହୋଇପାରିନାହିଁ। ଅନ୍ୟପକ୍ଷେ ଠିକ ଖରାଦିନେ ସରକାରୀ ଭାବେ ଜଳାଶୟ ପୁନରୁଦ୍ଧାର ପାଇଁ ପଦକ୍ଷେପ ନିଆଯିବ ବୋଲି ଘୋଷଣା କରାଯାଇ ଜନ ଅସନ୍ତୋଷକୁ ଚାପି ଦେବା ପାଇଁ ଉଦ୍ୟମ ହେଉଛି। ଖରାଦିନ ପରେ ଯଥା ପୂର୍ବ ତଥା ପର ବୋଲି ଅଭିଯୋଗ ହେଉଛି। ଏ ସମ୍ପର୍କରେ ସ୍ଥାନୀୟ କେତେଜଣ ବୁଦ୍ଧିଜୀବୀ ପ୍ରତିକ୍ରିୟାରେ କହିଛନ୍ତି, ସରକାରୀ ବାଦ୍ ଆଉ କେତେଗୋଟି ବେସରକାରୀ ଜଳାଶୟ ସହର ତାପମାତ୍ରା ନିୟନ୍ତ୍ରଣ ସାଙ୍ଗକୁ ବୁଲା ପ୍ରାଣୀଙ୍କ କାମରେ ଲାଗୁଥିଲା। ସେଗୁଡ଼ିକ ବିକ୍ରି ସାଙ୍ଗକୁ ବିଲ୍ଡିଂ ତିଆରି ଚାଲିଛି। ମୋଟା ମୋଟି ଭାବେ ସହରର ଜଳାଶୟଗୁଡ଼ିକ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ସେହିପରି ପ୍ରତ୍ୟହ ଜିଲାର ବିଭିନ୍ନ ପ୍ରାନ୍ତରୁ ସହସ୍ରାଧିକ ଲୋକ ବିଭିନ୍ନ କାମରେ ଜଗତ୍‌ସିଂହପୁର ଆସୁଛନ୍ତି। ଏ ପର୍ଯ୍ୟନ୍ତ ଜଳ ଛତ୍ର କରାଯାଇ ନ ଥିବାରୁ ସେମାନେ ଅସୁବିଧାରେ ପଡୁଛନ୍ତି। ବୁଲା ପ୍ରାଣୀଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ କୁଣ୍ଡରେ ପିଇବା ପାଣି ଗଚ୍ଛିତ ରଖାଯିବା କଥା। ତାହା ମଧ୍ୟ କରାଯାଇନାହିଁ। ଆଗକୁ ଏଭଳି ଲାଗି ରହିଲେ ଅଂଶୁଘାତ ସାଙ୍ଗକୁ ବୁଲା ପ୍ରାଣୀଙ୍କ ଜୀବନ ପ୍ରତି ବିପଦର ଆଶଙ୍କା ରହିଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌରାଧ୍ୟକ୍ଷା ଅର୍ଚ୍ଚନା ସିଂହଙ୍କୁ ପଚାରିବାରେ ବିଗତ ବର୍ଷଗୁଡ଼ିକ ପରି ଚଳିତବର୍ଷ ସହରର ୧୫ଟି ସ୍ଥାନରେ ଜଳଛତ୍ର ଖୋଲିବ। ସ୍ୱୟଂ ସହାୟକ ଗୋଷ୍ଠୀମାନେ ଏହି ଜଳଛତ୍ର ଚଳାଇବେ। ନିକଟରେ ଅନୁଷ୍ଠିତ ବୈଠକରେ ଏହା ଚୂଡାନ୍ତ ହୋଇଛି। ଖୁବ୍‌ଶୀଘ୍ର ଜଳଛତ୍ର ଖୋଲାଯିବ। ବୁଲା ପ୍ରାଣୀଙ୍କ ପାଇଁ ସହରର ବିଭିନ୍ନ ସ୍ଥାନରେ କୁଣ୍ଡରେ ପାଣି ଗଚ୍ଛିତ ରଖିବା କାମ ଜିଲା ପ୍ରାଣୀ ଚିକିତ୍ସା ବିଭାଗର। ତେଣୁ ସେମାନେ ତୁରନ୍ତ ଏସବୁ ସୁବିଧା କରିବାକୁ କୁହାଯାଇଛି। ଜଳାଶୟ ପୁନରୁଦ୍ଧାର ନେଇ ଡ୍ରୋନ ସର୍ଭେ କରାଯିବ ବୋଲି ସରକାରୀ ଭାବେ ପଦକ୍ଷେପ ନିଆଯାଉଛି। କଟକର ଏକ ଏଜେନ୍ସି ଟେଣ୍ଡର ପାଇଛି। କେଉଁ ଜଳାଶୟର କି ଅବସ୍ଥା ଅଛି ଓ କ'ଣ କରିବା ଦରକାର ସେ ସଂକ୍ରାନ୍ତ ରିପୋର୍ଟ ପାଇଲା ପରେ ନଗର ଉନ୍ନୟନ ବିଭାଗକୁ ରିପୋର୍ଟ ଦିଆଯିବ। ତାହା ପରେ ଅନୁଦାନ ଆସିଲେ ଜଳାଶୟ ପୁନରୁଦ୍ଧାର କରାଯିବ ବୋଲି ସେ କହିଛନ୍ତି।


ବୁଲା ପଶୁପକ୍ଷୀଙ୍କ ପାଣି ପିଇବା କୁଣ୍ଡ ଆବର୍ଜନାରେ ପୂର୍ଣ୍ଣ।


କନିୟାର ପୋଖରୀ ଶୁଖିଲା ପଡିଛି।

**ଜଗତ୍‌ସିଂହପୁର ପୌର ପରିଷଦ**
- ପୋଲିସ ଉପସ୍ଥିତିରେ ଲୋକେ ଜାଳି ଦେଲେ ୮ ଗାଡ଼ି
- ମୃଦୁ ଲାଠି ଚାଳନା ପରେ ହଟିଲା ରାସ୍ତାରୋକୋ

# ବିପର୍ଯ୍ୟସ୍ତ କଲଭର୍ଟ କାର୍ଯ୍ୟ କରିବାକୁ ଦାବି

ନାଉଗାଁ, ୧୦।୪(ସ୍ୱ.ପ୍ର.)

- କୋକିଡ଼ିହ-ତେଲସରା ପୂର୍ତ୍ତ ବିଭାଗ ରାସ୍ତା
- କାମ ନ ହେଲେ ଜଳ ନିଷ୍କାସନରେ ବାଧା ଉପୁଜୁଛି

ନାଉଗାଁ ବ୍ଲକ ଅନ୍ତର୍ଗତ କୋକିଡ଼ିହ-ତେଲସରା ରାସ୍ତାଟି ପୂର୍ତ୍ତ ବିଭାଗ ଅଧୀନରେ ରହିଛି। ଏହି ରାସ୍ତାଟି ୧୨ କି.ମି. ଦୈର୍ଘ୍ୟ ହୋଇଥିବା ବେଳେ ବର୍ତ୍ତମାନ ଏହାର ସମ୍ପ୍ରସାରଣ ଓ ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହି ରାସ୍ତା ଦେଇ ଚାଷ ଜମିରୁ ବର୍ଷାଦିନେ ଗୋବରୀ ନଦୀକୁ ଜଳ ନିଷ୍କାସନ ପାଇଁ ବିଭିନ୍ନ ସ୍ଥାନରେ ୧୭ଟି କଲଭର୍ଟ ରହିଛି। ଉକ୍ତ କଲଭର୍ଟଗୁଡ଼ିକ ମଧ୍ୟରୁ ଅଧିକାଂଶ ବିପର୍ଯ୍ୟସ୍ତ ଅବସ୍ଥାରେ ରହିଛି। ଅଧିକାଂଶ କଲଭର୍ଟ ପୋତିହୋଇଯିବା ଯୋଗୁ ବର୍ଷାଦିନେ ଚାଷଜମିରୁ ଜଳ ନିଷ୍କାସନ ହୋଇପାରୁନାହିଁ। ଫଳରେ ଚାଷୀ କ୍ଷତିଗ୍ରସ୍ତ ହେଉଥିବାର ଜଣାଯାଇଛି। ଗଙ୍ଗଦାହାଟ ନିକଟରେ ଉକ୍ତ ରାସ୍ତାରେ ଥିବା କଲଭର୍ଟଟିକୁ ଉକ୍ତ ବଜାରର କେତେଜଣ ଦୋକାନୀ ଜବରଦଖଲ କରି ରଖିଥିବାରୁ ତାହା ପୋତି ହୋଇଗଲାଣି। ଏଥିଯୋଗୁ କଲଭର୍ଟଟି ବିପର୍ଯ୍ୟସ୍ତ ଅବସ୍ଥାରେ ରହିଥିବା ବେଳେ ଜଳ ନିଷ୍କାସନ ହୋଇପାରୁନାହିଁ। ସେହିପରି ତେଣ୍ଟୋଇ ନିକଟରେ ଥିବା କଲଭର୍ଟଟି ଦବି ରାସ୍ତା ଉପରେ ଖାଲ ହୋଇଥିବା ଦେଖିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ରାସ୍ତାଟି ପୂର୍ବରୁ ୩.୭୫ ମିଟର ପ୍ରସ୍ଥ ରହିଥିଲା। ପୂର୍ତ୍ତ ବିଭାଗ ପକ୍ଷରୁ ସମ୍ପ୍ରସାରଣ ଓ ପୁନଃ ନିର୍ମାଣ ଫଳରେ ଉକ୍ତ ରାସ୍ତାର ପ୍ରସ୍ଥ ୫.୭୫ କରାଯାଉଛି। ତାହା ସହିତ ରାସ୍ତାର ଦୁଇପାର୍ଶ୍ୱରେ ୧ ମିଟର ଲେଖାଏ ପାଦଚଲା ରାସ୍ତା ନିର୍ମାଣ କରାଯିବ। ଏହି ରାସ୍ତା ନିର୍ମାଣ ପରେ ରାସ୍ତା ଚଉଡ଼ା ହୋଇ ୭.୭୫ ମିଟର ହେବ। ରାସ୍ତା ଚଉଡା ହେବା ଫଳରେ ପୂର୍ବରୁ ନିର୍ମିତ କଲଭର୍ଟଗୁଡ଼ିକ ରାସ୍ତା ଭିତରେ ବା ଅଣଓସାରିଆ ହୋଇ ରହିଯିବ। ଉକ୍ତ ରାସ୍ତାର ଦୁଇପାର୍ଶ୍ୱରେ କୋରୁଆ, ତିରୁଣା, ବାଂଶ, ନାଉଗାଁ, ଡେରିକି ଆଦି ପଞ୍ଚାୟତର ଗ୍ରାମଗୁଡ଼ିକ ରହିଥିବାବେଳେ ଚାଷଜମି ରହିଛି। ବର୍ତ୍ତମାନ ରାସ୍ତା ନିର୍ମାଣ ସମୟରେ ଉକ୍ତ କଲଭର୍ଟ କାମ କରା ନ ଗଲେ ଜଳ ନିଷ୍କାସନରେ ବାଧା ଉପୁଜିବ। ତେଣୁ ବିପର୍ଯ୍ୟସ୍ତ ଥିବା କଲଭର୍ଟଗୁଡ଼ିକର କାର୍ଯ୍ୟ କରିବା ପାଇଁ ବିଷ୍ଣୁଚରଣ ବେହେରା, ରଞ୍ଜିତ ପଣ୍ଡା, ପକୁରାମ ଜେନା, ନିରଞ୍ଜନ ସାହୁ ପ୍ରମୁଖ ପ୍ରଶାସନ ନିକଟରେ ଦାବି କରିଛନ୍ତି। କଲଭର୍ଟ ନିର୍ମାଣ ବିଷୟରେ ପୂର୍ତ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ବଳରାମ ସ୍ୱାଇଁଙ୍କୁ ପଚାରିବାରେ ଯେଉଁ କଲଭର୍ଟଗୁଡିକ ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି ଓ ସେଥିରେ ଜଳ ନିଷ୍କାସନ ହୋଇପାରୁନାହିଁ ସେଗୁଡିକୁ ଚିହ୍ନଟ କରାଯାଇ କାମ କରାଯିବ ବୋଲି ସେ କହିଛନ୍ତି।


କୋକିଡ଼ିହ-ତେଲସରା ରାସ୍ତାର ସମ୍ପ୍ରସାରଣ ଚାଲିଛି।

# କେରେଡାଗଡ଼ ଶ୍ରୀକଳ୍ପତରୁ ସେବାଶ୍ରମର ନୂତନ କର୍ମକର୍ତ୍ତା

ରାଜନଗର, ୧୦।୪(ଡି.ଏନ.ଏ.)

କେରେଡ଼ାଗଡ଼ସ୍ଥିତ ଶ୍ରୀକଳ୍ପତରୁ ସେବାଶ୍ରମର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଅଧାପକ ବ୍ରହ୍ମାନନ୍ଦ ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଭାବେ କପିଳେନ୍ଦ୍ର ଦାସ, କୋଷାଧ୍ୟକ୍ଷ ଅକ୍ଷୟ କୁମାର ଦାସ, କୃଷ୍ଣଚନ୍ଦ୍ର ଦାସ, ଉପସଭାପତି ଭାବେ ନୀଳମଣି ଦାସ, ଅନନ୍ତ ଚରଣ ରାଉତ ସହ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବା ବେଳେ ମୁଖ୍ୟ ଉପଦେଷ୍ଟା ଭାବେ ନଟବର ରାଉତ, ଅକ୍ଷୟ କୁମାର ରାଉତ, ନବ କିଶୋର ପାତ୍ର, କଳାକାର ଲେଙ୍କା, ରାଧାକୃଷ୍ଣ ପାତ୍ର ପ୍ରମୁଖ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ନାମାଚାର୍ଯ୍ୟ ବାୟାବାବାଙ୍କ ଆଶ୍ରମର ମୁଖ୍ୟ ବାବାଜୀ ଭକ୍ତି ଚୈତନ୍ୟ ଦାସ, ଚିନ୍ମୟାନନ୍ଦ ରାଉତରାୟ, ମନୋଜ କୁମାର ମହାନ୍ତି ଉପସ୍ଥିତ ରହି ସେବାଶ୍ରମର ନୂତନ କର୍ମକର୍ତ୍ତାମାନଙ୍କୁ ଶପଥ ପାଠ କରାଇଥିଲେ।

# ଭୁବନେଶ୍ୱର କିଶୋର କ୍ଲବ ଚାମ୍ପିୟନ

**ବାଗଲପୁରଠାରେ ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ**


ଅତିଥିଙ୍କ ଗହଣରେ ଖେଳାଳିମାନେ।

ବାଲିଆ, ୧୦।୪(ସ୍ୱ.ପ୍ର.)

ବିରିଡି ବ୍ଲକ ବାଗଲପୁରଠାରେ ବଟବିହାରୀ ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ୧୮ ତମ ରାଜ୍ୟସ୍ତରୀୟ ଦିବାରାତ୍ରି ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟକୁ ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ ଯୁବ ନେତା ଦେବିପ୍ରସାଦ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ଚନ୍ଦ୍ରଶେଖର ଦାଶ, ରବୀନ୍ଦ୍ର କୁମାର ରାଉଳ, ସରପଞ୍ଚ ତରୁଣ କୁମାର ଦାସ, ସମିତି ସଭ୍ୟା ମମତା ମଲିକ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଖେଳର ଅୟୋଜକ ନିଳାଚଳ ଆମ୍ବୁଲାନ୍ସ ସେବା ପକ୍ଷରୁ ଆୟୋଜନ କରାଯାଇଥିଲା। ଏଥିରେ ଭୁବନେଶ୍ୱର, ଭଦ୍ରକ, ଇସିସି, ପିସି ୱାରିଆର, କିଶୋର କ୍ଲବ ଭୁବନେଶ୍ୱର, ବାଗଲପୁର, ଥୋରିଆପଡ଼ା, ସଇଗ୍ରାମପୁର ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଭୁବନେଶ୍ୱର କିଶୋର କ୍ଲବ ଓ ପିସି ୱାରିଆର ମଧ୍ୟରେ ହୋଇଥିଲା। ପ୍ରଥମରୁ ଉଭୟ ଦଳ ସମାନ ପଏଣ୍ଟରେ ଚାଲିଥିଲେ। ମାତ୍ର ଶେଷ ଆଡକୁ ଭୁବନେଶ୍ୱର କିଶୋର କ୍ଲବ ଚିତାକର୍ଷକ ଖେଳ ପ୍ରଦର୍ଶନ କରି ପିସି ୱାରିଆର କଟକକୁ ୩ ପଏଣ୍ଟରେ ପଛରେ ପକାଇ ମ୍ୟାଚକୁ ନିଜ ଅକ୍ତିଆରକୁ ନେବା ସହ ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଚାମ୍ପିୟନ ଦଳକୁ ୫ ହଜାର ଟଙ୍କା ଓ ଟ୍ରଫି ଓ ରନର୍ସ ଦଳକୁ ୪ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

# ଜିଲାପାଳଙ୍କ ଶୁଣାଣି ଶିବିରରେ ୧୯ ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ, ୧୦।୪:** କେନ୍ଦ୍ରାପଡ଼ା ସହର ଟାଉନ ହଲ ପରିସରରେ ଜିଲାସ୍ତରୀୟ ଅଭିଯୋଗ ଶୁଣାଣୀ ଶିବିର ସୋମବାର ସକାଳ ୮ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏଥିରେ ମୋଟ ୧୯ଟି ଅଭିଯୋଗ ଆସିଥିଲା। ଏଥିମଧ୍ୟରୁ ୨ଟି ସାମୁହିକ ଥିବା ବେଳେ ଅବଶିଷ୍ଟ ବ୍ୟକ୍ତିଗତ ଅଭିଯୋଗ ଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରେ ବାସଗୃହ ଯୋଜନା, ଭତ୍ତା, ରାଶନ କାର୍ଡ, ପୋଲିସ ସୁରକ୍ଷା ଉପରେ ଅଭିଯୋଗକାରୀମାନେ ଗୁରୁତ୍ୱାରୋପ କରିଥିଲେ। ସେହିପରି ସିହାପଡ଼ାରେ ଜଳ ନିଷ୍କାସନ, ବାରୋ ଗ୍ରାମ ରାସ୍ତା ଅବରୋଧ ସାମୁହିକ ଅଭିଯୋଗ ଥିଲା। ଏହି ଶିବିରରେ ଜିଲାପାଳ ଅମୃତ ଋତୁରାଜ,ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଏଡିଏମ୍ ପୀତାମ୍ବର ସାମଲ, ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଜିଲାପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପଣ୍ଡା, ଉପଜିଲାପାଳ ନିରଞ୍ଜନ ବେହେରା, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସଙ୍କ ସହ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ଅଭିଯୋଗଗୁଡିକ ମଧ୍ୟରୁ କେତେକ ତତ୍କାଳ ସମାଧାନ ହୋଇଥିବା ବେଳେ ଅବଶିଷ୍ଟ ଅଭିଯୋଗ ଆସନ୍ତା ୭ ଦିନ ମଧ୍ୟରେ ସମାଧାନ ପାଇଁ ବିଭିନ୍ନ ଅଧିକାରୀଙ୍କୁ ଜିଲାପାଳ ଋତୁରାଜ ନିର୍ଦ୍ଦେଶ ଦେଇଛନ୍ତି।


ଶିବିରରେ ପ୍ରଶାସନିକ ଅଧିକାରୀମାନେ।

# ଆଲୋକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ବାଲିକୁଦା, ୧୦।୪(ସ୍ୱ.ପ୍ର.)

ବାଲିକୁଦା ବ୍ଲକ ବରମୁଣ୍ଡଳୀ ପଞ୍ଚାୟତ ମାତୃଶକ୍ତି କ୍ରିକେଟ କ୍ଲବ ଦଶବାଟିଆ ପକ୍ଷରୁ ପାଟଦଣ୍ଡା ପଡ଼ିଆଠାରେ ଦ୍ୱିତୀୟ ବାର୍ଷିକ ଆଲୋକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ବାଲିକୁଦା-ଏରସମା ଯୁବ ସାମାଜିକ କର୍ମୀ ସଞ୍ଜୀବ ବିଶ୍ୱାଳ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପ୍ରଥମ ମ୍ୟାଚ ଗାଦିବ୍ରହ୍ମ କ୍ରିକେଟ କ୍ଲବ ଅପଣ୍ଡରା ସହ ବାବା ସିଦ୍ଧେଶ୍ୱର କ୍ରିକେଟ କ୍ଲବ ତାଳଗାଁ ହୋଇଥିଲା। ତଳଗାଁ ଟିମ୍ ନିର୍ଦ୍ଧାରିତ ୮ ଓଭରରେ ସମସ୍ତ ଉଇକେଟ ହରାଇ ୬୭ ରନ ସଂଗ୍ରହ କରିଥିଲା। ଜବାବରେ ଅପଣ୍ଡରା ଟିମ୍ ସଞ୍ଜୟ ବିଶ୍ୱାଳଙ୍କ ୬ ଛକା ସହ ୧୩ ବଲରେ ୩୯ ରନ କରିଥିଲେ। ଦଳ ୩ ଉଇକେଟ ହରାଇ ୬୮ ରନ କରି ବିଜୟ ଲାଭ କରି ସେମିରେ ପ୍ରବେଶ କରିଥିଲା। ମ୍ୟାଚରେ ସଞ୍ଜୟ ବିଶ୍ୱାଳ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ମ୍ୟାଚରେ ଅମ୍ପେୟାର ଭାବେ ସରୋଜ ସ୍ୱାଇଁ ଓ ଧୀରେନ ମହାନ୍ତି ମ୍ୟାଚ ପରିଚାଳନା କରିଥିବା ବେଳେ ସ୍କୋରିଂରେ ଚିରନ୍ତନ ଜେନା ଓ ଅତିଶ ପରିଡା ସହଯୋଗ ପ୍ରଦାନ କରିଥିଲେ। ମ୍ୟାଚର ଧାରା ବିବରଣୀ ସୁବାସ ସ୍ୱାଇଁ, ବିକ୍ରମ ପରିଡା ଓ ଧର୍ମେନ୍ଦ୍ର ସାହୁ ପ୍ରଦାନ କରିଥିଲେ। ମ୍ୟାଚ ଆୟୋଜନ କରିବାରେ କ୍ଲବର ମ୍ୟାନେଜର ଦିଲୀପ ପରିଡା, ଟିମ୍ କୋଚ ସଞ୍ଜୟ ପରିଡା, ତୁଷାର ପରିଡା, ପ୍ରକାଶ ଜେନା, ଆସିକ ମହାନ୍ତି, ଜିତେନ୍ଦ୍ର ମହାନ୍ତି, ସିନା ଜେନା, ପ୍ରସନ୍ନଜିତ ଗୋଛାୟତ, ଅଜିତ ପରିଡା, ବବୁଲ ପରିଡା, ଶିଶିର ପରିଡା, ଉପନ ଓଝା, ରଞ୍ଜନ ମହାନ୍ତି, ସଞ୍ଜୟ ସ୍ୱାଇଁ, ଦୁଲ୍ଲାଲ ସ୍ୱାଇଁ, ପ୍ରକାଶ ପରିଡା, ସଞ୍ଜୟ ପରିଡା, ଆକାଶ ମହାନ୍ତି, ସନ୍ତୋଷ ମହାନ୍ତିଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ ପ୍ରଦାନ କରିଥିଲେ।


ଉଭୟଦଳର ଖେଳାଳିଙ୍କ ସହ ଅତିଥିମାନେ ଖେଳକୁ ଉଦ୍‌ଘାଟନ କରୁଛନ୍ତି।

# ଗୃହ ଥାଇ ବନ୍ଦର କ୍ୱାର୍ଟର୍ସରେ ଥାନା ଚାଲିଛି

ପାରାଦୀପ, ୧୦।୪(ସ୍ୱ.ପ୍ର.)

- ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା
- ୨୦୨୧ରେ ମାସକ ପାଇଁ ସ୍ଥାନାନ୍ତର ହୋଇଥିଲା

ପାରାଦୀପର ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ୨୦୧୮ରେ ସ୍ଥାପିତ ହୋଇଥିଲା। ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ନୂଆବଜାର ଗୋପବନ୍ଧୁ ଷ୍ଟାଡିୟମ୍ ପାଖ ବନ୍ଦର କ୍ୱାର୍ଟର୍ସରେ ଏହି ଥାନା ଏବେ ଚାଲିଛି। କିନ୍ତୁ ଏହି ଥାନା ପାଇଁ ସ୍ୱତନ୍ତ୍ର ଗୃହ ତିଆରି ହୋଇଛି ଏରସମା ବ୍ଲକ ଅନ୍ତର୍ଗତ ଜଟାଧାରୀମୁହାଣ ପାଖ ନୋଳିଆସାହି ଠାରେ। ୨୦୨୦ରେ ଉକ୍ତ ଥାନା ଉଦ୍‌ଘାଟିତ ହୋଇଥିଲା। ୨୦୨୧ମାର୍ଚ୍ଚରେ ପାରାଦୀପରୁ ନୋଳିଆସାହି ସ୍ଥାନାନ୍ତର ହୋଇଥିଲା। ସେଠାରେ ମାସାଧିକ ସମୟ ଥାନା ଚାଲିଲା ପରେ ପୁଣି ପାରାଦୀପର ପୂର୍ବ ଜାଗାକୁ ଫେରି ଆସିଥିଲା। ନୋଳିଆସାହିଠାରେ ଏବେ ନୂଆ ଥାନା ଗୃହ ଏବେ ପ୍ରାୟ ବନ୍ଦ ରହିଛି। କେବଳ ୨ଜଣ କର୍ମଚାରୀ ଗୃହକୁ ଜଗିକି ଅଛନ୍ତି।

୨୦୦୮ ନଭେମ୍ବର ୨୬ରେ ପାକିସ୍ତାନ ଆତଙ୍କବାଦୀମାନେ ଉପକୂଳ ସୀମା ଦେଇ ବମ୍ବେ ସହର ଉପରେ ଆକ୍ରମଣ କରିଥିଲେ। ଏହାପରେ ଉପକୂଳ ସୀମା ପାଇଁ ଆରମ୍ଭ ହୋଇଥିଲା ସ୍ୱତନ୍ତ୍ର ରଣନୀତି। ଯଥା କୋଷ୍ଟଗାର୍ଡକୁ ଅଧିକ କ୍ରିୟାଶୀଳ କରାଯିବା ସହ ଦେଶର ସମସ୍ତ ଉପକୂଳରେ ସାମୁଦ୍ରିକ ଥାନା କରିବା ପାଇଁ କେନ୍ଦ୍ର ସରକାର ନିଷ୍ପତ୍ତି ନେଇଥିଲେ। ଏହିକ୍ରମରେ ଓଡ଼ିଶାର ୪୮୨ କିମି ପୂର୍ବ ଉପକୂଳରେ ୧୮ଟି ସାମୁଦ୍ରିକ ଥାନା ପାଇଁ ଜାଗା ଚିହ୍ନଟ ହୋଇଥିଲା। ରାଜ୍ୟର ପ୍ରଥମ ସାମୁଦ୍ରିକ ଥାନା ପାରାଦୀପର ନେହେରୁବଙ୍ଗଳାଠାରେ ୨୦୦୯ ମାର୍ଚ୍ଚରେ ଆରମ୍ଭ ହୋଇଥିଲା। ଶେଷ ୧୮ ନଂ. ଥାନା ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ୨୦୧୮ ହୋଇଛି। ପାରାଦୀପର ନୂଆବଜାରଠାରେ ଏହି ଥାନା ପାଇଁ ସ୍ୱତନ୍ତ୍ର ସୀମା ନ ଥିଲା। ସେତେବେଳେ ପାରାଦୀପ ଆଦର୍ଶ ଥାନା ଅଧୀନରେ ଯାଉଥିବା ଷଣ୍ଢକୁଦ ବସ୍ତିକୁ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ଅଞ୍ଚଳ ଭାବେ ଗୃହ ବିଭାଗ ବିଜ୍ଞପ୍ତି କରିଥିଲେ। ୨୦୨୧ ଯେତେବେଳେ ଥାନା ନୋଳିଆସାହି ଯାଇଥିଲା ସେତେବେଳେ ଷଣ୍ଢକୁଦ ଲୋକଙ୍କୁ ଅଭିଯୋଗ କରିବା ପାଇଁ ୪୨ କିମି ବାଟ ଯିବାକୁ ପଡିଥିଲା। ସେତେବେଳେ ଲୋକଙ୍କ ଅସୁବିଧା ହେବାରୁ ପୁଣି ପୂର୍ବ ସ୍ଥାନକୁ ଥାନାର ସମସ୍ତ ଆସବାବପତ୍ର ଫେରିଥିଲା। ଏଭଳି ଅବସ୍ଥାରେ ଜଟାଧାରୀ ମୁହାଣ ସାମୁଦ୍ରିକ ଥାନା ସ୍ଥିତି ରହିଛି। ଥାନା ସ୍ଥାନାନ୍ତର ନ ହେବା ପ୍ରସଙ୍ଗରେ ଆଇଆଇସି ଦେବେନ୍ଦ୍ର ମହାପାତ୍ରଙ୍କୁ ପଚାରିବାରେ ସରକାରୀ ଭାବେ ସୀମା ନିର୍ଦ୍ଧାରଣ ହୋଇ ନ ଥିବାରୁ ଏପରି ହୋଇଛି। ଆଗକୁ ସେଠାରେ ଏକ ବଡ ବନ୍ଦର ହେବାକୁ ଯାଉଛି। ସେତେବେଳେ ଉକ୍ତ କମ୍ପାନୀ ପାଇଁ କାମ ଆରମ୍ଭ ହେଲେ ଥାନା ସ୍ଥାନାନ୍ତର ହୋଇପାରେ। ଏବେ ପୁଣି ସୀମା ନିର୍ଦ୍ଧାରଣ ହେବାର ଅଛି ବୋଲି ସେ କହିଛନ୍ତି।



# ନୟାଗଡ଼ର ପରିଚୟ ଛେନାପୋଡ଼

ନୟାଗଡ଼ ଅଫିସ,୧୦।୪

ନୟାଗଡ଼ ଛେନାପୋଡ଼ର ଚାହିଦା ବଢ଼ୁଛି। ଛେନାପୋଡ଼ର ପ୍ରଥମ ପ୍ରସ୍ତୁତ କର୍ତ୍ତା ସୁଦର୍ଶନ ସାହୁଙ୍କ ଯୋଗୁ ଏହି ମିଠାକୁ ସ୍ୱତନ୍ତ୍ର ପରିଚୟ ମିଳିଛି। ପୋଡ଼ପିଠାକୁ ଆଖି ଆଗରେ ଛେନାପୋଡ଼ ପ୍ରଥମେ ନୟାଗଡରେ ତିଆରି କରାଯାଇଥିଲା। ଏଥିପାଇଁ ନୟାଗଡ଼ ଜିଲା ଦଶପଲ୍ଲା ସାତପାଟଣା ଗ୍ରାମର ସ୍ୱର୍ଗତ ସୁଦର୍ଶନ ସାହୁ ଚର୍ଚ୍ଚାକୁ ଆସିଥିଲେ । ସୁଦର୍ଶନଙ୍କ ବାପା ବିଦ୍ୟାଧର ଦଶପଲ୍ଲା ହାଟଛକରେ ଏକ ଜଳଖିଆ ଦୋକାନ କରିଥିଲେ । ବିଦ୍ୟାଧରଙ୍କୁ ପୁଅ ସୁଦର୍ଶନ ସହଯୋଗ କରୁଥିଲେ । ଦୋକାନରେ ପ୍ରତିଦିନ କିଛି ଛେନା ବଳିପଡି ନଷ୍ଟ ହେଉଥିଲା । ସେହି ଛେନାକୁ ଏକାଠି ପରି ସୁଦର୍ଶନ ଛେନାପୋଡ଼ ପ୍ରସ୍ତୁତ କରିଥିଲେ । ତାଙ୍କ ପରଲୋକର ୬ ବର୍ଷପରେ ଅର୍ଥାତ୍ ୨୦୨୨ ଏପ୍ରିଲ ୧୧ ଜନ୍ମ ଦିବସରେ ନୟାଗଡ଼ ଜିଲାବାସୀ ତାଙ୍କ ମନେ ପକାଇଥିବାରୁ ଏହା ସୁଦର୍ଶନଙ୍କ ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ଥିଲା । ଚଳିତ ବର୍ଷ ଏପ୍ରିଲ ୧୧ ଅର୍ଥାତ୍ ମଙ୍ଗଳବାର ନୟାଗଡ, ଭୁବନେଶ୍ୱର ଓ ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ଛେନାପୋଡ଼ ଦିବସ ପାଳନ ହେବ ବୋଲି ପୂର୍ବରୁ ଘୋଷଣା ହୋଇଛି । ଏହାକୁ ନେଇ ସବୁଠି ଉତ୍କଣ୍ଠା ପ୍ରକାଶ ପାଇଛି।




### ପ୍ରସିଦ୍ଧି ସତ୍ତ୍ୱେ ଗୁଣବତ୍ତା ରହୁନି

ନୟାଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଛେନାପୋଡ଼ ପ୍ରସ୍ତୁତ ହେବା ସହ ବିକ୍ରି ହେଉଛି । ହେଲେ ବର୍ତ୍ତମାନର ଛେନାପୋଡ଼ ଆଗଭଳି ଆଉ ସ୍ୱାଦିଷ୍ଟ ଲାଗୁନାହିଁ ବୋଲି ଅଭିଯୋଗ ହୋଇଛି । ଛେନାପୋଡ଼ ଗୁଣବତ୍ତା ଧିରେ ଧିରେ ହରାଉଥିବାରୁ ଏହାର ମାନ କମିବାରେ ଲାଗିଛି । ଏପରି କି ରାଜ୍ୟ ତଥା ଦେଶବିଦେଶରେ ଏନେଇ ସମାଲୋଚନା ହେଉଛି । ଛେନା କେଜି ୧୫୦ରୁ ୨୦୦ ଟଙ୍କା ରହିଥିବାବେଳେ ଛେନାପୋଡ଼ କେଜି ୯୦ରୁ ଆରମ୍ଭ ହୋଇ ୩୦୦ ଟଙ୍କାରେ ବିକ୍ରି ହେଉଛି । ଛେନାର ଦର ଅଧିକ ଥିବାବେଳେ ଛେନାପୋଡ଼ର ଦର କମ ଥିବାରୁ ଏହାର ଗୁଣବତ୍ତା ରହୁ ନ ଥିବା ଅଭିଯୋଗ ହୋଇଛି । ଛେନାପୋଡ଼ ନୟାଗଡ଼ ବ୍ଲକର ମାଛିପଡାରେ ୧୧୦ ପରିବାର ତିଆରି କରୁଛନ୍ତି । ମାଛିପଡ଼ା ଅଞ୍ଚଳକୁ ଛେନାପୋଡ଼ର ପେଣ୍ଠସ୍ଥଳ କୁହାଯାଇପାରେ । ସେହିପରି ଓଡ଼ଗାଁ ବ୍ଲକର ସୋଲପଟାରେ ୯୦, ଦରପଦା ଗାଁରେ ୩୦, ନୟାଗଡ଼ ସହରରେ ୧୫, ନବଘନପୁରରେ ୫ରୁ ଉର୍ଦ୍ଧ୍ୱ ପରିବାର ଛେନାପୋଡ଼ ପ୍ରସ୍ତୁତି କରୁଛନ୍ତି । ଅନ୍ୟପକ୍ଷେ ଭାପୁର ବ୍ଲକର ଫତେଗଡ଼ ଅଞ୍ଚଳରେ ୨୦ରୁ ଉର୍ଦ୍ଧ୍ୱ ପରିବାର ଛେନାପୋଡ଼ ପ୍ରସ୍ତୁତ କରୁଛନ୍ତି । ଏଥିପାଇଁ ସ୍ୱତନ୍ତ୍ର ଭାବେ ଛେନାପୋଡ଼ ଭାଟି କରି କେତେଜଣ କାରିଗର ସହଯୋଗୀଙ୍କୁ ନିଯୁକ୍ତି ଦେଇଛନ୍ତି । ପ୍ରତ୍ୟହ ଛେନାପୋଡ଼ ରାଉରକେଲା, ସୁନ୍ଦରଗଡ, ବ୍ରହ୍ମପୁର, କେନ୍ଦୁଝର, ସମ୍ବଲପୁର, କୋରାପୁଟ, ରାୟଗଡା, ବାଲିଗୁଡା, ଜୋଡା, ବଡବିଲ, ଖାରସୁଗୁଡା ଓ ଭୁବନେଶ୍ୱର ଆଦି ଅଞ୍ଚଳକୁ ଯାତ୍ରୀବାହୀ ବସରେ ଯାଉଛି ।

### ଗୋ ସମ୍ପଦ ହ୍ରାସ ପାଉଛି

ଛେନା ବ୍ୟବସାୟ ବଢୁଥିବାବେଳେ ନୟାଗଡ଼ ଜିଲାରେ ଗୋ ସମ୍ପଦ ହ୍ରାସ ପାଉଛି । ଗାଁରେ ଆଉ ଗାଈ ଗୋଠ ଦେଖିବାକୁ ମିଳୁ ନାହିଁ । ଛେନାପୋଡ଼ ପାଇଁ ଜିଆଇ ଟ୍ୟାଗ୍ ଲଢ଼େଇ ଆରମ୍ଭ ହୋଇଥିବାବେଳେ ଗୋ ସମ୍ପଦ ହ୍ରାସର କାରଣ ଖୋଜା ଯାଉନି । ଅଣଚାଷୀମାନେ ଗୁହାଳ ସହାୟତା ପାଉଛନ୍ତି । ଜିଲାରେ ବେଆଇନ ଗୋଚାଲାଣ ବଢ଼ି ଚାଲିଛି। ଏଣୁ ଛେନାପୋଡ଼ ପାଇଁ କ୍ଷୀରର ସ୍ଥାନ ନେଇଛି କୃତ୍ରିମ ଦୁଗ୍ଧ ପାଉଡର । ଅନ୍ୟପକ୍ଷେ ଅଙ୍ଗାରରେ ପୋଡ଼ ନ ପୋଡି କେତେକ ସ୍ଥାନରେ ଗ୍ୟାସ୍‌ରେ ଛେନାପୋଡ ପ୍ରସ୍ତୁତି ହେଉଛି । ଏନେଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ କୁହନ୍ତି, ଦୁଗ୍ଧ ଉତ୍ପାଦନରେ ଓଡିଶା ପ୍ରଥମ ସ୍ଥାନ ଅକ୍ତିଆର କରିଛି । ୨୦୦୦ ମସିହାରେ ୨୭ଲକ୍ଷ ଲିଟର ଦୁଗ୍ଧ ଉତ୍ପାଦନ ହେଉଥିବାବେଳେ ୨୦୨୦ରେ ୬୫ ଲକ୍ଷ ଲିଟରରେ ଦୁଗ୍ଧ ଉତ୍ପାଦନ ହେଉଛି । ଗାଁ ଗହଳିରେ ଦେଶୀ ଗାଈ ସଂଖ୍ୟା କମିଥିବାବେଳେ ଦର୍ସ, ହଲିଷ୍ଟିନ, ଗିରଙ୍କ ପରି ଶଙ୍କର ଜାତୀୟ ଗାଈଙ୍କ ସଂଖ୍ୟା ବଢ଼ି ଚାଲିଛି । ଅଳ୍ପ ଗାଈ ହେଲେ ବି ଅଧିକ କ୍ଷୀର ଦେଉଛନ୍ତି । ନୟାଗଡ଼ ଛେନାପୋଡ଼ ଆମ ପାଇଁ ଗର୍ବ ପାଲଟିଛି । ନୟାଗଡ ଛେନାପୋଡ଼କୁ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିବାକୁ ପ୍ରୟାସ ଜାରି ରହିଛି ବୋଲି ସେ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଗଣେଶ



@ ସଞ୍ଜୟ



@ ସ୍ମୃତିଶ୍ରୀ



@ ସୁବ୍ରତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମ୍ୟୁନିସିପାଲିଟି ଟ୍ୟାକ୍ସ କଲେକ୍ଟରଙ୍କୁ ୨ବର୍ଷ ଜେଲଦଣ୍ଡ

### ଲାଞ୍ଚ ଗ୍ରହଣ ମାମଲା

ବ୍ରହ୍ମପୁର ଅଫିସ,୧ ୦।୪: ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ସୋମବାର ଏକ ଲାଞ୍ଚ ଗ୍ରହଣ ମାମଲାର ୬ ବର୍ଷ ପରେ ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ସେ ମ୍ୟୁନିସିପାଲିଟିର ଟ୍ୟାକ୍ସ କଲେକ୍ଟରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେ ହେଲେ ତତ୍କାଳୀନ ଟ୍ୟାକ୍ସ କଲେକ୍ଟର ତଥା ବର୍ତ୍ତମାନ ବ୍ରହ୍ମପୁର ମହାନଗର ନିଗମ ମେକାନିକ ସେକ୍ସନର ଡ୍ରିଲିଂ କ୍ଲର୍କ ଧରଣୀଧର ସ୍ୱାଇଁ। ସେହିପରି ଜରିମାନା ବାବଦକୁ ୫ ହଜାର ଟଙ୍କା ଏହା ଅନାଦାୟେ ଅତିରିକ୍ତ ୧ ମାସ ଜେଲ ଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ରହିଛି। ପ୍ରକାଶ ଯେ, ଗୋଷାଣୀନୂଆଗାଁ ଅଞ୍ଚଳର ଶଙ୍କର ପାଣିଗ୍ରାହୀ ତାଙ୍କ ଘର ହୋଲ୍ଡିଂ ଟ୍ୟାକ୍ସ ମ୍ୟୁଟେଶନ ପାଇଁ ମ୍ୟୁନିସିପାଲିଟିରେ ଆବେଦନ କରିଥିଲେ। ଉକ୍ତ କାମ ପାଇଁ ଟ୍ୟାକ୍ସ କଲେକ୍ଟର ଧରଣୀଧର ତାଙ୍କୁ ୧ ହଜାର ଟଙ୍କା ମାଗିଥିଲେ। ଶଙ୍କର ଏନେଇ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ୨୦୧୬ ଅକ୍ଟୋବର ୨୨ରେ ଶଙ୍କର ଧରଣୀଧରଙ୍କୁ ୧ହଜାର ଟଙ୍କା ଲାଞ୍ଚ ଦେବାବେଳେ ଭିଜିଲାନ୍ସ ଟିମ୍ ଉକ୍ତ ଟଙ୍କା ଜବତ କରିବା ସହ ଧରଣୀଧରଙ୍କୁ ମାମଲା ନମ୍ବର ୫୬/୧୬ ରେ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ପରେ ସେ ଜାମିନରେ ଆସିଥିଲେ। ମାମଲାର ବିଚାର ବେଳେ ୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପିପି ସୁରେନ୍ଦ୍ର ପଣ୍ଡା ଓ ମୁଦାଲାଙ୍କ ପକ୍ଷରୁ ପ୍ରସାଦ ପଟ୍ଟନାୟକ ମକଦ୍ଦମା ପରିଚାଳନା କରିଥିଲେ।

# ହାଣ୍ଡିଭଙ୍ଗା ପାଇଁ ମହିଷାସୁଣୀ ପୀଠ ଉତ୍ସବମୁଖର



ମା'ମହିଷାସୁଣୀଙ୍କ ପୀଠରେ ମହିଳାମାନେ ରୋଷେଇ କରୁଛନ୍ତି ।

ଖଣ୍ଡପଡ଼ା,୧୦।୪ (ସ୍ୱ.ପ୍ର.)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଜଗନ୍ନାଥପ୍ରସାଦ ପଞ୍ଚାୟତ ମହୁଲପଡ଼ା ଗ୍ରାମର ମା'ମହିଷାଷୁଣୀ ଇଷ୍ଟ ଠାକୁରାଣୀ ଭାବେ ପରିଚିତ । ଏହି ପୀଠରେ ପାଳିତ ହୋଇଛି ମାନସିକ ପର୍ବ ହାଣ୍ଡିଭଙ୍ଗା ଉତ୍ସବ। ମହାବିଷୁବ ସଂକ୍ରାନ୍ତି ପରେ ଆରମ୍ଭ ହୋଇଥାଏ ବୈଶାଖୀ ବ୍ରତ । ଇତିମଧ୍ୟରେ ମହୁଲପଡ଼ା ଓ ଏହାର ଆଖପାଖ ଅଞ୍ଚଳର ଲୋକେ ହାଣ୍ଡିଭଙ୍ଗା ଉତ୍ସବ ପାଳନ କରିଥିଲେ । ବୈଶାଖର ପ୍ରାରମ୍ଭରେ ପ୍ରତିବର୍ଷ ପରି ପାରମ୍ପରିକ ରୀତିରେ ହାଣ୍ଡିଭଙ୍ଗା ଉତ୍ସବ ପାଳିତ ହୋଇଥାଏ । ଏହି ଉତ୍ସବ ଚୈତ୍ର ପୂର୍ଣ୍ଣିମୀ ଗୁରୁବାରଠାରୁ ୩ ଦିନ ବ୍ୟାପୀ ଆୟୋଜନ କରାଯାଇଥାଏ । ଏହି ଅବସରରେ ଗ୍ରାମବାସୀଙ୍କ ପକ୍ଷରୁ ସଂସାରର ମଙ୍ଗଳ କାମନା କରାଯାଇ ମା'ମହିଷାଷୁଣୀ ପୀଠରେ ଅହୋରାତ୍ର ନାମ ସଂକୀର୍ତ୍ତନର ଆୟୋଜନ କରାଯାଇଥିଲା। ବିଶେଷ କରି ମହୁଲପଡା ଗ୍ରାମର ଗୃହିଣୀମାନେ ଚୈତ୍ର ପୂର୍ଣ୍ଣମୀ ସକାଳୁ ସ୍ନାନ କରି ଶୁଦ୍ଧପୂତ ଭାବେ ଘରୁ ରୋଷେଇ ସାମଗ୍ରୀ ନେଇ ମା'ମହିଷାଷୁଣୀଙ୍କ ପାଖରେ ମାନସିକ ରଖି ପୂଜାର୍ଚ୍ଚନା କରିଥିଲେ । ପରେ ମନ୍ଦିର ବେଢାରେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ଭୋଗ ରୋଷେଇ କରିଥିଲେ । ଏହି ପୂଜାରେ ମହୁଲପଡା, ଦରଦା, ଜଗନ୍ନାଥ ପ୍ରସାଦ ଏବଂ ଆଖପାଖ ଅଞ୍ଚଳର ଶତାଧିକ ଗୃହିଣୀ ଯୋଗ ଦେଇଥିଲେ । ତେବେ ଏତେ ସଂଖ୍ୟକ ମହିଳା ସାମିଲ ହୋଇଥିଲେ ଯେ, ମନ୍ଦିର ବେଢାରେ ରୋଷେଇ ପାଇଁ ସ୍ଥାନାଭାବ ପଡିଥିଲା । ମନ୍ଦିର ପାଖକୁ ଲାଗିଥିବା ଜମିରେ ମହିଳାମାନେ ଚୁଲି ଖୋଳି ମାଟି ହାଣ୍ଡିରେ ଅନ୍ନ ପ୍ରସାଦ ପ୍ରସ୍ତୁତ କରିଥିଲେ । ସମସ୍ତ ଗୃହିଣୀଙ୍କ ରୋଷେଇ ସମ୍ପନ୍ନ ହେବା ପରେ ମନ୍ଦିର ପୂଜକ (ମାଳି) ରମେଶ ପାତ୍ର ମା'ଙ୍କ ପୂଜା ସାରିଥିଲେ । ପ୍ରଥା ଅନୁସାରେ ପ୍ରତ୍ୟେକଙ୍କ ମାଟି ହାଣ୍ଡିରୁ ପ୍ରସ୍ତୁତ ଅନ୍ନ ଭୋଗକୁ ମା'ଙ୍କ ଉଦ୍ଦେଶ୍ୟରେ ପୂଜକ ଅର୍ପଣ କରିଥିଲେ । ପରେ ପୂଜାରୀ, ଗୃହିଣୀମାନେ ଘରୁ ଆଣିଥିବା,ଅନ୍ୟ ପାତ୍ରକୁ ଅନ୍ନ ପ୍ରସାଦକୁ କାଢି ନେଇଥିଲେ। ଏହାପରେ ଖାଲି ମାଟି ହାଣ୍ଡିକୁ ମନ୍ଦିର ପୋଖରୀ ପାଖକୁ ନେଇ ଏକ କାଠ ଫାଳିଆରେ ପିଟି ଭାଙ୍ଗିଥିଲେ ।

ଏହି କାର୍ଯ୍ୟକ୍ରମ ସରିବା ପରେ ମହିଳାମାନେ ସେହି ପୋଖରୀରେ ବୁଡ଼ି ସ୍ନାନ କରିଥିଲେ । ପରେ ଗୃହିଣୀମାନେ ଭୋଗ ଲାଗିଥିବା ଅନ୍ନ ପ୍ରସାଦକୁ ଘରକୁ ନେଇ ଫେରିଥିଲେ । ଏହା ହାଣ୍ଡିଭଙ୍ଗା ଉତ୍ସବ ଭାବେ ଖ୍ୟାତ । ଏହି ପର୍ବକୁ ମହିଳାମାନେ ସେମାନଙ୍କ ପିଲାମାନଙ୍କ ସହ ପରିବାରର ମଙ୍ଗଳ କାମନା କରି ପାଳନ କରିଥାନ୍ତି। ଏଥିପାଇଁ ସାରା ଦିନ ନାମ ସଂକୀର୍ତ୍ତନ ଓ ଖୋଳତାଳ ଧ୍ୱନୀରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଗତ ୨ଦିନ ରାମ ନାଟକ ପରିବେଷଣ ହୋଇଥିଲା । ଏହି ମେଳାର ଏକ ବୈଶିଷ୍ଟ ହେଉଛି, ଦିନ ତମାମ୍ ମେଳାକୁ ଆସୁଥିବା ତଥା ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ଅନ୍ନ ପ୍ରସାଦର ବ୍ୟବସ୍ଥା କରାଯାଇଥିଲା । ଗ୍ରାମର ସଭାପତି ଗଦାଧର ପ୍ରଧାନ ଓ ସମ୍ପାଦକ ଗଦାଧର ପ୍ରଧାନ କୁହନ୍ତି, ପ୍ରତିବର୍ଷ ଏହି ମେଳା ପାଳିତ ହେବା ଦ୍ୱାରା ଗ୍ରାମରେ ଏକତା ଓ ସଂହତି ବୃଦ୍ଧି ଘଟୁଛି । ସମସ୍ତଙ୍କ ମନରେ ହସ ଖୁସି ପରିଲକ୍ଷିତ ହେଉଛି । ଗ୍ରାମରେ ବହୁ ବନ୍ଧୁବାନ୍ଧବଙ୍କ ସମାଗମ ହୋଇଥାଏ । ଯୁବ କଳାକାରମାନେ ନିଜର କଳା ପ୍ରଦର୍ଶନ କରି ଆନନ୍ଦିତ ହୋଇଥାନ୍ତି।

# ସିଦ୍ଧ ବାସେଳୀଙ୍କ ଚଇତି ପର୍ବ ଉଦ୍‌ଯାପିତ



ସିଦ୍ଧ ବାସେଳୀଙ୍କୁ ପୂଜାର୍ଚ୍ଚନା କରାଯାଉଛି।

ଖଣ୍ଡପଡ଼ା,୧୦।୪ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ପଞ୍ଚାୟତ କଂସାରୀସାହି ପାଟଣାସ୍ଥିତ କୈବର୍ତ୍ତ ସମାଜର ଚଇତି ପୂର୍ଣ୍ଣମୀଠାରୁ ଚାଲିଥିବା ସିଦ୍ଧବାଶେଳୀଙ୍କ ଚଇତି ପର୍ବ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି । ଏହି ଅବସରରେ କୈବର୍ତ୍ତ ସମାଜ ପକ୍ଷରୁ ଶୁକ୍ରବାର ନାମ ସଂକୀର୍ତ୍ତନ, ଶନିବାର ବାଦୀ ଭାଗବତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଉଦ୍‌ଯାପନୀ ପର୍ବ ରବିବାର ରାତିରେ କୈବର୍ତ୍ତ ସମ୍ପ୍ରଦାୟର ଆରାଧ୍ୟ ମା'ସିଦ୍ଧବାଶେଳୀଙ୍କୁ ଗମ୍ଭରାରୁ ବାହାର କରାଯାଇ ପାଟପଟୁଆରରେ ଗ୍ରାମ ପରିକ୍ରମା କରାଯାଇ କୋଠିକୁ ବିଜେ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ସମାଜର ନିଶାମଣି ବେହେରା ପରିଚାଳନା କରିଥିଲେ ।

# ଖଣ୍ଡପଡ଼ାରେ ୬ ଶମ୍ଭୁଙ୍କ ମହାମିଳନ

ଖଣ୍ଡପଡ଼ା,୧୦।୪(ସ୍ୱ.ପ୍ର.)

ଖଣ୍ଡପଡ଼ା ମଧୁବନ ଖେଳପଡ଼ିଆରେ ୬ ଶମ୍ଭୁଙ୍କ ମହାମିଳନ ପର୍ବ ମହାସମାରୋହରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ନିମନ୍ତ୍ରଣ କ୍ରମେ ଖଣ୍ଡପଡ଼ା ସହରରେ ବିଜେ ପ୍ରଭୁ ଶ୍ରୀନୀଳକଣ୍ଠେଶ୍ୱର ଦେବ, ଶିଖପୁର ଗ୍ରାମର ଶ୍ରୀ ଲିଙ୍ଗରାଜ ଦେବ, ମଙ୍ଗଳପୁର ଓ ବୋରଗାଁରୁ ଶ୍ରୀ ସିଦ୍ଧେଶ୍ୱର ଦେବ ଓ ନିକଟସ୍ଥ ଖପରମଲ୍ଲ ଗ୍ରାମର ଶ୍ରୀ ଚନ୍ଦ୍ରଶେଖର ଦେବଙ୍କୁ ବିରାଟ ପାଟପଟୁଆରରେ ମିଳନ ସ୍ଥଳକୁ ବିଜେ କରାଯାଇଥିଲା । ବାଜା, ବାଣ ରୋଷଣି ସାଙ୍ଗକୁ ହରିବୋଲ, ହୁଳହୁଳି ଧ୍ୱନୀରେ ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା । ମହାମିଳନ ସ୍ଥଳରେ ବିଗ୍ରହମାନଙ୍କୁ ପାରମ୍ପରିକ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଶତାଧିକ ମାନସିକଧାରୀ ଦଣ୍ଡୁଆ ଢୋଲବାଜାର ତାଳେ ତାଳେ ନୃତ୍ୟକରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଖଣ୍ଡପଡା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ବିଗ୍ରହମାନଙ୍କୁ ଦର୍ଶନ କରିଥିଲେ। ଖଣ୍ଡପଡ଼ା ମା' ବେଢାକଳୀ ଦଣ୍ଡକାମନା କୋଠୀର ଭକ୍ତ ବୃନ୍ଦଙ୍କ ସହଯୋଗରେ ପ୍ରଥମକରି ଆୟୋଜିତ ଶମ୍ଭୁଙ୍କ ମହାମିଳନ ପର୍ବକୁ ବହୁ ଶ୍ରଦ୍ଧାଳୁ ଉପଭୋଗ କରିଥିଲେ। ମହାମିଳନ ପର୍ବ ପରେ ବିଗ୍ରହମାନେ ନିଜ ନିଜ ଆସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ଖଣ୍ଡପଡା ରାଜା ବିଭୂତି ଭୂଷଣ ସିଂହ ମର୍ଦ୍ଦରାଜ ୬ ଶମ୍ଭୁଙ୍କୁ ଦର୍ଶନ କରୁଛନ୍ତି।

यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking
आन्ध्रा Andhra | कार्पोरेशन Corporation

ଆସେଟ୍ ରିକଭରି ଶାଖା, ୨୬/୨୮-ଡି, କନାଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ (ଏମ୍-୩୫, ପ୍ରଥମ ମହଲା, ଆଉଟର୍ ସର୍କଲ୍, କନାଟ୍ ପ୍ଲେସ୍, ନୂଆଦିଲ୍ଲୀ - ୧୧୦୦୦୧ଠାରେ କାର୍ଯ୍ୟରତ), ଇମେଲ୍ ଆଇଡି - arbdelhi@unionbankofindia.bank

## ବିକ୍ରୟ ନୋଟିସ
ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ

ସିକ୍ୟୁରିଟାଇଜେଶନ୍ ଏବଂ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଏବଂ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଅଧିନିୟମ, ୨୦୦୨ ସହିତ ପଠନ ପୂର୍ବକ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ନିୟମ, ୨୦୦୨ର ନିୟମ ୮/୯ ଅଧୀନରେ ଅସ୍ଥାବର/ସ୍ଥାବର ସମ୍ପତ୍ତିର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ନୋଟିସ ଏତଦ୍ୱାରା ସାଧାରଣ ଭାବେ ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବେ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କୁ ନୋଟିସ ଦିଆଯାଉଛି ଯେ, ବନ୍ଧକ ଋଣଦାତାଙ୍କ ନିକଟରେ ବନ୍ଧକ / ପ୍ରଭାରିତ ନିମ୍ନବର୍ଣ୍ଣିତ ଅସ୍ଥାବର/ସ୍ଥାବର ସମ୍ପତ୍ତି, ଯାହାର ଦଖଲ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆର ପ୍ରାଧିକୃତ ଅଧିକାରୀ (ବନ୍ଧକ ଋଣଦାତା)ଙ୍କ ଦ୍ୱାରା ଗ୍ରହଣ କରାଯାଇଛି, ତାହାକୁ ନିମ୍ନଲିଖିତ ଋଣଗ୍ରହୀତା(ଗଣ) ଏବଂ ଗ୍ୟାରେଣ୍ଟିଦାତା(ଗଣ)ଙ୍କଠାରୁ ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ଦ୍ୱାରା ନିମ୍ନଦର୍ଶିତ ବକେୟା ଦେୟ ଆଦାୟ ପାଇଁ "ଯେପରି ଅଛି ଯେଉଁଠି ଅଛି", "ଯେପରି ଅଛି ଯାହା ଅଛି" ଏବଂ "ସେଠାରେ ଯାହା ବି ଅଛି" ଭିତ୍ତିରେ ନିମ୍ନଦର୍ଶିତ ତାରିଖରେ ବିକ୍ରି କରାଯିବ । ସଂରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ତଳେ ଦିଆଗଲା ।

| ଋଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ନିଲାମ ପାଇଁ ରଖାଯାଇଥିବା ଅସ୍ଥାବର/ସ୍ଥାବର ସମ୍ପତ୍ତିର ବର୍ଣ୍ଣନା | ଗଠନମୂଳକ କିମ୍ବା ବାସ୍ତବିକ ଦଖଲ ନିଆଯାଇଛି | ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କଠାରୁ ଅସୁଲ କରାଯିବାକୁ ଥିବା ବକେୟା (ଟ.) | ସଂରକ୍ଷିତ ମୂଲ୍ୟ (ଟ.) / ଇଏମ୍‌ଡି / ବିଡ୍ ବୃଦ୍ଧିରାଶି | ନିଲାମର ତାରିଖ ଓ ସମୟ | ବ୍ୟାଙ୍କ ଜ୍ଞାତସାରରେ ଥିବା ଋଣଭାର/ ବିଚାରାଧୀନ ଏସ୍ଏ, ଯଦି ଥାଏ |
|---|---|---|---|---|---|---|
| ଋଣଗ୍ରହୀତା: ମେସର୍ସ ସରଳ ସର୍ଜିକାଲ୍ ପ୍ରଡକ୍ଟସ୍ ପ୍ରା. ଲି., ଠିକଣା– ବି-୨/୭୩୧, ଏକତା ଗାର୍ଡେନ୍, ଆଇପି ଏକ୍ସଟେନ୍ସନ୍, ନୂଆଦିଲ୍ଲୀ–୯୨, ଆହୁରି ମଧ୍ୟ ସ୍ଥାନ: ୧୧୬, ଦୁର୍ଗା ଚାମ୍ବର୍ ଡିବି ଗୁପ୍ତା ରୋଡ୍, କରୋଲ ବାଗ୍, ଦିଲ୍ଲୀ – ୧୧୦୦୦୫, ଆହୁରି ମଧ୍ୟ ସ୍ଥାନ: ମୌଜା କପିଳପ୍ରସାଦ, ଭୁବନେଶ୍ୱରରେ ପ୍ଲଟ୍ ନଂ. ୧୫୫୬, କିସମ– ଘରବାରି–୨, ଖାତା ନଂ. ୮୩୮ । ଗ୍ୟାରେଣ୍ଟିଦାତା: ୧. ଶ୍ରୀମତୀ ସୁମିତ୍ରା ମହାପାତ୍ର, ସ୍ୱାମୀ- ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ୨. ଶ୍ରୀମତୀ ପଲ୍ଲବୀ ଭରଦ୍ୱାଜ, ସ୍ୱାମୀ- ଶ୍ରୀ ଦୀପକ ଭରଦ୍ୱାଜ, ୩. ଶ୍ରୀ ଶୁଭ୍ରାଂଶୁ ଶେଖର ମହାପାତ୍ର, ପିତା- ସ୍ୱର୍ଗତ ଶ୍ରୀ ଗିରିଶ ଚନ୍ଦ୍ର ମହାପାତ୍ର ୪. ଶ୍ରୀ ଅନୁପମ ଘୋଷ, ପିତା- ଶ୍ରୀ ଏସ୍.କେ. ଘୋଷ | ଶ୍ରୀମତୀ ସୁମିତ୍ରା ମହାପାତ୍ରଙ୍କ ନାମରେ କିସମ- ଘରବାରି, ମୌଜା- ଗୋଡ଼ିପୁଟ, ମାଟିଆପଡ଼ା, ଏସ୍.ଆର୍. ଜଟଣୀ, ତହସିଲ- ଡେଲାଙ୍ଗ, ଜିଲ୍ଲା - ପୁରୀ, ଜିଲ୍ଲା ଉପ-ନିବନ୍ଧକ, ଭୁବନେଶ୍ୱରରେ ଓଡ଼ିଶାଠାରେ ଅବସ୍ଥିତ ସ୍ଥାବର ସମ୍ପତ୍ତି କାରଖାନା ଜମି ଓ ବିଲ୍ଡିଂ, ନିମ୍ନଲିଖିତ ଖାତା ନଂ. ସମ୍ବଳିତ (ପ୍ଲାଣ୍ଟ ଓ ମେଶିନାରି ସମେତ) | ସାଙ୍କେତିକ ଦଖଲ | ଟ. ୪,୪୮,୮୨,୦୪୧.୮୦ ତା୦୪।୧୦।୨୦୧୯ରିଖ ସୁଦ୍ଧା, ଭବିଷ୍ୟତ ସୁଧ, ବ୍ୟୟ ଏବଂ ତାହା ଉପରେ ଅନ୍ୟାନ୍ୟ ଶୁଳ୍କ ସହିତ | ଟ.୩,୮୫,୩୫,୦୦୦/- / ଟ.୩୮,୬୦,୦୦୦/- / ଟ.୦.୫୦ ଲକ୍ଷ | ୨୬।୦୪।୨୦୨୩ ଅପରାହ୍ନ ୧.୦୦ ଘଟିକାରୁ ଅପରାହ୍ନ ୩.୦୦ ଘଟିକା (ପ୍ରତ୍ୟେକ ୧୦ ମିନିଟ୍‌ର ଅସୀମିତ ସମୟ ବୃଦ୍ଧି ସହିତ) | ବ୍ୟାଙ୍କକୁ ଜଣାନାହିଁ |

| ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର | ମୌଜା | ଖାତା ନଂ. | ପ୍ଲଟ୍ ନଂ. | କ୍ଷେତ୍ର |
|---|---|---|---|---|---|---|---|
| ଗୋଡ଼ିପୁଟ | ୧୨୮୦/୮୯୦ | ୨୯୨ | ଏ.୦.୦୩୦ଡେସି. | | ୧୨୮୦/୮୯୨ | ୩୨୮ | ଏ.୦.୨୨୦ଡେସି. |
| ମାଟିଆପଡ଼ା | ୧୨୮୦/୮୯୦ | ୨୯୨/୫୧୧୬ | ଏ.୦.୧୦୦ଡେସି. | | ୬୬୯ | ୨୯୦/୪୩୨୮ | ଏ.୦.୦୩୦ଡେସି. |
| | ୧୨୮୦/୮୯୦ | ୨୯୨/୫୧୧୫ | ଏ.୦.୦୯୦ଡେସି. | | ୧୨୮୦/୮୮୨ | ୨୯୩ | ଏ.୦.୬୫୦ଡେସି. |
| | ୧୨୮୦/୮୫୦ | ୨୯୦ | ଏ.୦.୦୮୦ଡେସି. | | ୧୨୮୦/୮୮୩ | ୩୨୭ | ଏ.୦.୧୨୦ଡେସି. |
| | ୧୨୮୦/୮୯୩ | ୩୧୯ | ଏ.୦.୩୪୦ଡେସି. | | ୧୨୮୦/୮୯୪ | ୨୯୧ | ଏ.୦.୨୪୦ଡେସି. |
| | ୧୨୮୦/୮୯୪ | ୩୨୯ | ଏ.୦.୩୭୦ଡେସି. | | | ମୋଟ | ଏ.୨.୮୪୭ଡେସି. ଅର୍ଥାତ୍ ୧,୨୪,୦୧୫.୩୨ ବର୍ଗଫୁଟ |
| | ୧୨୮୦/୮୯୧ | ୨୮୮/୫୧୧୭ | ଏ.୦.୫୭୭ଡେସି. | | | | |

ପଞ୍ଜୀକରଣ, ଲଗ୍ ଇନ୍ ଓ ବିଡିଂ ନିୟମାବଳୀ ପାଇଁ ପରିଦର୍ଶନ କରନ୍ତୁ https://www.mstcecommerce.com/auctionhome/ibapi/index.jsp ଇଏମ୍‌ଡି ପରିମାଣ ଇ-ନିଲାମ ଆରମ୍ଭ ସମୟରେ କିମ୍ବା ତାହା ପୂର୍ବରୁ ଦାଖଲ କରାଯାଇପାରିବ
– ବିକ୍ରୟର ସବିଶେଷ ନିୟମ ଓ ସର୍ତ୍ତାବଳୀ ପାଇଁ, ଦୟାକରି https://www.unionbankofindia.co.in/english/TendelViewAllAuction.aspxରେ ପ୍ରଦତ୍ତ ଲିଙ୍କ୍ ଦେଖନ୍ତୁ
– ସମ୍ପତ୍ତି ପାଇଁ, ପ୍ରାଧିକୃତ ଅଧିକାରୀ ହେଉଛନ୍ତି ସୁଶ୍ରୀ ଉମା ଶର୍ମା, ମୋବାଇଲ ନଂ. ୮୯୫୦୮୬୦୯୨୨, ୭୦୧୫୦୫୯୨୦୦

ତାରିଖ: ୧୦।୦୪।୨୦୨୩, ସ୍ଥାନ: ନୂଆଦିଲ୍ଲୀ

ପ୍ରାଧିକୃତ ଅଧିକାରୀ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ସଂକ୍ଷେପରେ**

## ଶିଶୁମାନଙ୍କର ପୁଷ୍ଟିହୀନତା ପରିଚଳାନା କର୍ମଶାଳା

ବାଲିଆ, ୧୦।୪(ସ୍ୱ.ପ୍ର.): ବିରିଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଦିବସୀୟ ଗୋଷ୍ଠୀସ୍ତରୀୟ ଶିଶୁମାନଙ୍କର ଅତିଶୟ ପୁଷ୍ଟିହୀନତା ଚିହ୍ନଟ ଏବଂ ଚିକିତ୍ସା ସମ୍ବନ୍ଧୀୟ କର୍ମଶାଳା ସୋମବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ଡ. ରାକେଶ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଏଥିରେ ବିରିଡି, ଅଢ଼ଙ୍ଗଗଡ଼, ବାଗଲପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ, ରୋଗୀ କଲ୍ୟାଣ ସମିତିର ସ୍ୱାସ୍ଥ୍ୟ ଅଧିକାରୀ, ଫାର୍ମାସିଷ୍ଟ, ଅଙ୍ଗନୱାଡି ସୁପରଭାଇଜର ଯୋଗଦେଇ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରିଥିଲେ। କର୍ମଶାଳାରେ ରାଜ୍ୟରୁ ତାଲିମ ଦେଇଥିବା ପ୍ରଶିକ୍ଷକ ଡ. ଲୋକନାଥ ସାହୁ ଯୋଗଦେଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ୬ ମାସରୁ ୫୯ ମାସର ସମସ୍ତ ଶିଶୁମାନଙ୍କୁ ଆଶା, ଅଙ୍ଗନୱାଡି ତଥା ମହିଳା ସ୍ୱାସ୍ଥ୍ୟ କର୍ମୀମାନେ ଓଜନ, ଲମ୍ବା, ଉଚ୍ଚତା ଏବଂ ୨ ଗୋଡ ଫୁଲା ମାନଦଣ୍ଡ ଅନୁଶାରେ ଅତିଶୟ ପୁଷ୍ଟିହୀନତାର ଚିହ୍ନଟ କରଣ କରିଥିବା ସ୍ୱାସ୍ଥ୍ୟଗତ ଜଟିଳତାକୁ ଚିହ୍ନଟ କରି ସେମାନଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖି ୧୧୨ ଦିନ ଚିକିତ୍ସା କରିବା ସହିତ ସ୍ୱାସ୍ଥ୍ୟ ପୁଷ୍ଟି ପରାମର୍ଶ ଦେବା, ପୁଷ୍ଟି କର ଖାଦ୍ୟ ଦେଇ ସାଧରଣ ପିଲାରେ ପରିବର୍ତ୍ତନ କରିପାରିବା ବୋଲି କହିଥିଲେ।

# ସମସ୍ୟା ବଢୁଛି, ଅଭିଯୋଗ କମୁଛି

## କୋରେଇରେ ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର

କୋରେଇ,୧୦।୪(ଡି.ଏନ.ଏ.): ଅଫିସର ଓ ସାଧାରଣ ଲୋକଙ୍କ ମଧ୍ୟରେ ସମନ୍ୱୟ ଏବଂ ଅବହେଳିତ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ଜିଲାସ୍ତରୀୟ ଓ ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହେଉଛି। ଜିଲାର ବରିଷ୍ଠ ଅଧିକାରୀମାନେ ଏହି ଶିବିରରେ ଉପସ୍ଥିତ ରହି ସିଧାସଳଖ ଲୋକଙ୍କ ଅଭିଯୋଗ ଗ୍ରହଣ କରିବା ସହିତ ଏହାର ସମାଧାନ ନିମନ୍ତେ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର କୋରେଇ ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଜିଲା ଆରକ୍ଷୀ ଅଧୀକ୍ଷକ ବିନୀତ ଅଗ୍ରୱାଲ, ପିଡି ଡିଆର୍‌ଡିଏ ଅଶୋକ କୁମାର ବେହୁରିଆ, ବିଡିଓ ରଞ୍ଜନ କୁମାର



ଜିଲାପାଳ, ଆରକ୍ଷୀ ଅଧୀକ୍ଷକଙ୍କ ସମେତ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣାଣି କରୁଛନ୍ତି।

ପରିଡ଼ା, ବ୍ୟାସନଗର ତହସିଲଦାର ଅଶୋକ କୁମାର ମାଝି ଏବଂ ବ୍ଲକର ବିଭିନ୍ନ ପଦାଧିକାରୀ ଯୋଗଦେଇ ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ।

ଏହି ଶିବିରରେ ଏକାଧିକ ବିଭାଗରେ ସମୁଦାୟ ୮୩ ଭିନ୍ନଭିନ୍ନ ଅଭିଯୋଗ ହୋଇଥିବା ବେଳେ ଏହାର ସମାଧାନ ପାଇଁ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ପୂର୍ବରୁ ଜନସାଧାରଣ ଏଠାରେ ଅଭିଯୋଗ ଦାଖଲ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନ ଥିବା ଅଧିକାଂଶ ଅଭିଯୋଗକାରୀ କହିଛନ୍ତି। ତେଣୁ ସମସ୍ୟା ବଢୁଥିଲେ ମଧ୍ୟ ଅଭିଯୋଗ କମୁଛି ବୋଲି ମତପ୍ରକାଶ ପାଇଛି। ଏହି ଜନଶୁଣାଣି କେବଳ ଧର୍ମକୁ ଆଖିଠାର ବୋଲି ଭାଜପା ନେତ୍ରୀ ଜୟନ୍ତୀ ସାହୁ ଅଭିଯୋଗ କରିଛନ୍ତି। କୋରେଇର ବିଭିନ୍ନ ପଞ୍ଚାୟତରୁ ସମସ୍ୟା ନେଇ ଅନେକ ହିତାଧିକାରୀ ଏକାଧିକ ଥର ଜନଶୁଣାଣି ଶିବିରକୁ ଆସୁଥିଲେ ମଧ୍ୟ ଅଧିକାରୀମାନେ ଧ୍ୟାନ ଦେଉନାହାନ୍ତି। ଖରା ବର୍ଷାରେ ସାଧାରଣ ଲୋକ ବିଭିନ୍ନ ସମସ୍ୟା ନେଇ ବ୍ଲକ କାର୍ଯ୍ୟାଳୟକୁ ଧାଇଁଧାଇଁ ନୟାନ୍ତ ହେଉଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଜନଶୁଣାଣି ସମୟରେ ଅଧିକାଂଶ ଲୋକେ ଜିଲାପାଳଙ୍କ ନିକଟରେ ଏହାର ଅଭିଯୋଗ କରିବାକୁ ଧାଇଁ ଆସୁଛନ୍ତି। ହେଲେ ବିଡମ୍ବନାର ବିଷୟ ଜିଲାପାଳଙ୍କ ଅଗୋଚରରେ ପଦାଧିକାରୀମାନେ ବିଭିନ୍ନ ପ୍ରକାର ମିଥ୍ୟା ଆଳ ଦେଖାଇ ଅଭିଯୋଗକାରୀଙ୍କୁ ଭୁଆଁ ବୁଲାଉଛନ୍ତି। ଜିଲାପାଳ ମଧ୍ୟ ଏହାର ଠିକ ଭାବେ ତଦାରଖ କରୁ ନ ଥିବା କୁହାଯାଉଛି। ଏଭଳିସ୍ଥଳେ ଜନଶୁଣାଣି ଶିବିର କେବଳ ପ୍ରହସନ ପାଲଟିଥିବା କୋରେଇ ଉନ୍ନୟନ ପରିଷଦ ସଂଗଠନର ସମ୍ପାଦକ ଭାଗିରଥି ବାରିକ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଅଭିଯୋଗକାରୀଙ୍କ ସଂଖ୍ୟା କାହିଁକି କମ୍ ରହୁଛି ବୋଲି ପଚାରିବାରେ ସରକାର ଭଲକାମ କରୁଥିବାରୁ ଅଭିଯୋଗ ଆସୁନାହିଁ ବୋଲି ଜିଲାପାଳ ପ୍ରକାଶ କରିଛନ୍ତି।

## ମା’ ହିଙ୍ଗୁଳାଙ୍କ ଯଜ୍ଞୋତ୍ସବ ଉଦ୍‌ଯାପିତ

ରସୁଲପୁର,୧୦।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ବଇଞ୍ଚପଡ଼ିଆଠାରେ ଚାଲିଥିବା ମା’ହିଙ୍ଗୁଳାଙ୍କ ୬୪ତମ ଯଜ୍ଞୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ୫ଦିନ ବ୍ୟାପୀ ଅନୁଷ୍ଠିତ ଏହି ଯଜ୍ଞର ପୂର୍ଣ୍ଣାହୁତି ସମୟରେ କୁଣ୍ଡରେ ଝୋଟ ଅର୍ପଣ କରାଯାଇଥିଲା। ବିଧି ମୁତାବକ ଯଜ୍ଞକୁଣ୍ଡରେ ଶେଷ ଘୃତ ଅର୍ଘ୍ୟ ଅର୍ପଣ ସମୟରେ ମା’ ପାଟ(ଯଜ୍ଞ କୁଣ୍ଡ ଉପରେ ଲାଗିଥିବା ପାଟ)ନଚେତ ଝୋଟ(କାଉଁରିଆରୁ ପ୍ରସ୍ତୁତ)ରେ ଅଗ୍ନି ସଂଯୋଗ ହୋଇଥାଏ। ଏହା ସ୍ୱତଃପୂର୍ତ୍ତ ଭାବରେ ଘଟିଥାଏ। ମା’ଙ୍କ ଯଜ୍ଞକୁଣ୍ଡ ନିକଟରେ ଝୋଟ ଓ ପାଟ ରହିଥାଏ। ମା’ଙ୍କ ଆଜ୍ଞା ମୁତାବକ ଯେକୌଣସି ଗୋଟିଏ ସାମଗ୍ରିରେ ଅଗ୍ନି ସଂଯୋଗ ହୋଇଥାଏ। ସେ ବିଧି ଆଧାରରେ ଝୋଟରେ ଅଗ୍ନି ସଂଯୋଗ ହୋଇଥିଲା। ମା’ହିଙ୍ଗୁଳାଙ୍କୁ ସନ୍ତୁଷ୍ଟ କରି ଭକ୍ତମାନେ ଚଳିତ ବର୍ଷ ଉନ୍ନତ କୃଷିକ୍ଷେତ, ସମାଜରୁ ରୋଗବ୍ୟାଧି ଦୂର, ଶାନ୍ତି ପ୍ରତିଷ୍ଠା କରିବାକୁ ମାନସିଥିଲେ। ପୂର୍ଣ୍ଣାହୁତିବେଳେ ଶହଶହ ଶ୍ରଦ୍ଧାଳୁ ଯଜ୍ଞ କୁଣ୍ଡର ଚର୍ତୁପାର୍ଶ୍ୱରେ ଉପସ୍ଥିତ ଥିଲେ। ସେମାନଙ୍କ ହରିବୋଲ ହୁଳହୁଳି, ପଣ୍ଡିତଙ୍କ ମନ୍ତ୍ରଧ୍ୱନୀରେ ଯଜ୍ଞସ୍ଥଳ ପ୍ରକମ୍ପିତ



ହୋଇଉଠିଥିଲା। ମାନସିକଧାରୀ ଯଜ୍ଞକୁଣ୍ଡରେ ନାନାଦି ସାମଗ୍ରୀ ଅର୍ପଣ କରିଥିଲେ। କୁଣ୍ଡରେ ଅର୍ପଣ କରାଯାଇଥିବା ଶ୍ରୀଫଳର (ପୋଡ଼ା ନଡିଆ)ଅଶଂ ଓ ଅରୁଆଚାଉଳକୁ ମିଶାଇ ଚରୁ ପ୍ରସ୍ତୁତ କରାଯାଇଥିଲା। ଉକ୍ତ ଚରୁକୁ ମା’ଙ୍କ ୩୬ଖଣ୍ଡ ସେବା ଗ୍ରାମରେ ବଣ୍ଟନ କରାଯାଇଥିଲା।

## ବାଣ ବିସ୍ଫୋରଣ ଘଟଣାରେ ଜଣେ ଗିରଫ

ବିଞ୍ଝାରପୁର,୧୦।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ ଅଳକୁଣ୍ଡ ଥାନା ଅନ୍ତର୍ଗତ ବାସୁଦେବପୁର ଗ୍ରାମରେ ବାଣ ବିସ୍ଫୋରଣ ଘଟଣାରେ ପୋଲିସ ସୋମବାର ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବିସ୍ଫୋରଣରେ ମୃତ୍ୟୁବରଣ କରିଥିବା କାଳନ୍ଦୀ ମଲ୍ଲିକଙ୍କ ଭାଇ ଜଳଧର। ଏଥିସହିତ ପୋଲିସ କାଳନ୍ଦୀଙ୍କ ଘରୁ ବିପୁଳ ବାଣ ତିଆରି ସାମଗ୍ରୀ ଜବତ କରିଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ନମୁନା ସଂଗ୍ରହ କରିବା ସହିତ ପୋଲିସ ତଦନ୍ତରେ ସହଯୋଗ କରିଛି। ରବିବାର ବାଣ ଭିଡୁଥିବା ବେଳେ ବିସ୍ଫୋରଣ ହେବାରୁ କାଳନ୍ଦିଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଝିଅ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

## ମହାବୀର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ପାଣିକୋଇଲି,୧୦।୪(ଡି.ଏନ.ଏ.): ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଟିନ୍ଦା ଗ୍ରାମରେ ରାତ୍ରିକାଳୀନ ମହାବୀର ପ୍ରିମିୟର ଲିଗ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମହାବୀର କ୍ରିକେଟ କ୍ଲବ ଆୟୋଜନକ୍ରମେ ୪ ଦିନ ବ୍ୟାପୀ ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟକୁ ମୁଖ୍ୟଅତିଥି ଭାବେ ବିଜେଡି ଯୁବନେତା ପ୍ରୀତିରଞ୍ଜନ ସାହୁ(ଲିପା), ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଧଳ, ଗ୍ରାମ୍ୟ ମୁରବୀ ରଘୁନାଥ ପାଢ଼ୀ, ଯୁବନେତା ଶଶିଭୂଷଣ ସେନାପତି, ଗଦାଧର ସାହୁ ଓ ଡା.ନୀଳମାଧବ ପୃଷ୍ଟି ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ଗୋପୀନାଥ ନାଇଟ୍ ରାଇଡର ବନାମ ଉତ୍କଳମଣି ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଗୋପୀନାଥ ନାଇଟ ରାଇଡର ଟସ ଜିଣି ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫ ଓଭରରେ ବିନା ଉଇକେଟରେ ୩୯ରନ ସଂଗ୍ରହ କରିଥିଲା। ଜବାବରେ ଉତ୍କଳମଣି ଏକାଦଶ ନିର୍ଦ୍ଧାରିତ ୫ ଓଭରରେ ୬ ଉଇକେଟ ହରାଇ ୨୮ ରନ କରି ପରାଜୟ ବରଣ କରିଥିଲା। ମ୍ୟାଚକୁ ସମୀର ସାହୁ ଓ ସନ୍ତୋଷ ଦାସ ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଭରତ ସାହୁ ଓ ଶ୍ରୀକାନ୍ତ ଦାସ ଯୋଗ ଦେଇଥିଲେ। ସତ୍ୟଜିତ ସେନାପତି ଓ ପୁନିତ ସାହୁ ଧାରାବିବରଣୀ ପ୍ରଦାନ କରିଥିଲେ। ଅନୁଷ୍ଠାନ ପକ୍ଷରୁ ଦେବଦତ ସେନାପତି, ସୌରପ୍ରତାପ ସେନାପତି, ଅଭିମନ୍ୟୁ ପରିଡ଼ା, ଲକ୍ଷ୍ମଣ ମାଝି, ପିୟୁଷ ସାହୁ, ପ୍ରଦୀପ ମାଝି, ଅଜୟ ଗିରି, ସୁରଜିତ ସେନାପତି, ଜୟନ୍ତ ସାହୁ, ମନୋଜ ପରିଡ଼ା, ସୁକାନ୍ତ ମାଝି, ବିଜୟ କୁମାର ଗିରି, ଶିଶିର ସାହୁ, ଅର୍ଜୁନ ମାଝି ଓ ବବୁଲ ପହି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ବ୍ଲକ୍ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧନା

ସିଂହପୁର,୧୦।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ୍ କଂଗ୍ରେସର ନୂତନ ସଭାପତି ପ୍ରବୋଧ ଦାସଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବହୁ କଂଗ୍ରେସ କର୍ମୀ ତାଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବରିଷ୍ଠ ନେତା ଚନ୍ଦ୍ର ଶେଖର ଧଳ, ରାଜ୍ୟ ମହିଳା କଂଗ୍ରେସ ଉପସଭାନେତ୍ରୀ କନକଲତା ମଲିକ, ଗୋବିନ୍ଦ ଚନ୍ଦ୍ର ପରିଡ଼ା, ସୁଦାମ ଚରଣ ସାମଲ, ମହେଶ୍ୱର ଦାସ, ନିମାଇଁ ଚରଣ ସାମଲ, ବ୍ରଜକିଶୋର ଦାସ, ଦାମୋଦର ସାମଲ, ପ୍ରକାଶ ଦାସ, ପ୍ରଦୀପ ବଳ, ଗଗନ ମଲିକ, କାଶୀନାଥ ଦାସ, ବ୍ରହ୍ମାନନ୍ଦ ବଳ, ଗଜେନ୍ଦ୍ର ଦାସ, ଗଗନ ସାମଲ, ଶରତ ମଲିକ, ପ୍ରତାପ ଦାସ, ବିଜୟ କେତନ ମହାନ୍ତି, ବସନ୍ତ ଥାଟୋଇ, ପ୍ରମୋଦ ସାମଲ, ଧନେଶ୍ୱର ସାମଲ, ନାରାୟଣ ମଲିକ, ଜଳଧର ଜେନା, ଅମୀୟ ଧଳ, ଶୁଧାଂଶୁ ମହଲ, ପୀତାମ୍ବର ମଲିକ ଓ ବିଶ୍ୱନାଥ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



ବ୍ଲକ କଂଗ୍ରେସ ସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ମା’ରକ୍ଷାକାଳୀ କ୍ୟାସେଟ୍ ଉନ୍ମୋଚିତ

ସିଂହପୁର,୧୦।୪(ଡି.ଏନ.ଏ.): ବରିଷ୍ଠ ଗୀତିକାର ତଥା ବିଞ୍ଝାରପୁର ଅଞ୍ଚଳର ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଦାସଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ଭଦ୍ରକ ଜିଲା ରାମେଶ୍ୱରପୁର ଗ୍ରାମର ପ୍ରସିଦ୍ଧ ମା’ ରକ୍ଷାକାଳୀଙ୍କ ଜୀବନୀକୁ ନେଇ ଏକ କ୍ୟାସେଟ ଉନ୍ମୋଚିତ ହୋଇଯାଇଛି। ଉନ୍ମୋଚନ ଉତ୍ସବରେ ମା’ଙ୍କ ପୂଜକ ଲକ୍ଷ୍ମଣ ଦେବତା, କମିଟି ସଭାପତି କ୍ଷେତ୍ରବାସୀ ବାରିକ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସଂଗୀତ ନେର୍ଦ୍ଦେଶକ ଦିନେଶ ମଲିକ ଏହାର ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଶିକ୍ଷୟିତ୍ରୀ ନଳିନୀ ପ୍ରଭା ଗୀତ ରଚନା କରିଛନ୍ତି।



 କ୍ୟାସେଟ୍ ଉନ୍ମୋଚନ କରାଯାଉଛି।

## ପାଣି ପମ୍ପ ଚୋରି ବଢୁଛି

ପାଣିକୋଇଲି,୧୦।୪(ଡି.ଏନ.ଏ.): କ୍ରମାଗତ ଭାବେ ପାଣି ପମ୍ପ ଚୋରି ବଢ଼ିଚାଲିଛି। କିଛି ମାସ ନୀରବ ପରେ ଦୁର୍ବୃତ୍ତ ପୁଣି ସକ୍ରିୟ ହେବା ଆରମ୍ଭ କରିଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ ଖସାଗଡିଆ ଗ୍ରାମର ଝାଟୁ ମାଝିଙ୍କ ଚାଷ ଜମିରେ ଥିବା ବୋରିଙ୍ଗରୁ ପମ୍ପ ଚୋରି ହେବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ମାତ୍ର ଦେଢ ମାସ ତଳେ ସରକାରୀ ଅନୁଦାନରେ ଝାଟୁଙ୍କ ସମେତ ୮ଜଣ ଚାଷୀ ଚାଷ ଜମିରେ ବୋରିଙ୍ଗ ଖୋଳିଥିଲେ। ସମସ୍ତଙ୍କର ଲୁବି କମ୍ପାନୀର ସମରସୋଏଲ ପମ୍ପ ବସାଯିବା ସହ ବିଦ୍ୟୁତ ସଂଯୋଗ କରାଯାଇଥିଲା। ମାତ୍ର ଶନିବାର ରାତିରେ ପମ୍ପଚୋରି ହୋଇ ଯାଇଥିଲା। ଏହାକୁ ନେଇ ଅନ୍ୟ ଚାଷୀ ଭୟଭିତ ହୋଇ ପଡ଼ିଛନ୍ତି। ସେମାନଙ୍କ ପାଣି ପମ୍ପ ଚୋରି ହେବା ଆଶଙ୍କା ରହିଛି। ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି।

## ପାରାଦୀପ କଲେଜରେ ପ୍ରାଥମିକ ଚିକିତ୍ସା ଶିବିର

ପାରାଦୀପ, ୧୦।୪(ସ୍ୱ.ପ୍ର.): ପାରାଦୀପ କଲେଜ ପରିସରରେ ସୋମବାର ଯୁବ ରେଡ୍‌କ୍ରସ୍ ପକ୍ଷରୁ ପ୍ରାଥମିକ ଚିକିତ୍ସା ଶିବିର ଆୟୋଜନ କରାଯାଇଥିଲା। କଲେଜ ଅଧ୍ୟକ୍ଷା ସସ୍ମିତା ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ବ୍ରହ୍ମାନନ୍ଦ ବିଶ୍ୱାଳ, ଗୋପାଳକୃଷ୍ଣ ମିଶ୍ର ପ୍ରମୁଖ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଜୀବନ ଉପରେ ପରାମର୍ଶ ଦେଇଥିଲେ। ୫୦ରୁ ଅଧିକ ଛାତ୍ରୀଛାତ୍ର ଓ ସାଧାରଣ ଲୋକଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଶେଷରେ ଅଧାପିକା ଶାଶ୍ୱତୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୧୦।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୩୪ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସମିତି ସଭାପତି ଡ.ବସନ୍ତ କିଶୋର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିଶିଷ୍ଟ ଶିକ୍ଷାବିତ୍, ପୁସ୍ତକକାର ଓ ଶିଶୁ ସାହିତ୍ୟିକ ଦାଶ ବେନହୁର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ବିଦ୍ୟାମନ୍ଦିରର ସଫଳତା ଓ ଶିକ୍ଷା ବିକାଶ ସମିତି ଓଡ଼ିଶାର ମାର୍ଗଦର୍ଶନକୁ ପ୍ରଶଂସା କରିଥିଲେ।

ମୁଖ୍ୟ ବକ୍ତାଭାବେ ଶିକ୍ଷାବିକାଶ ସମିତି ଓଡ଼ିଶାର ଉତ୍ତରପୂର୍ବ ସମ୍ଭାଗ ସଦସ୍ୟା ସୁଶ୍ରୀ ଇନ୍ଦୁମତି ଦାଶ ଯୋଗଦେଇ ଶିଶୁଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ଅବସରରେ ସମ୍ପାଦକ କ୍ଷେତ୍ରବାସୀ ଜେନାଙ୍କ ସମ୍ପାଦିତ ବିଦ୍ୟାଳୟର ବାର୍ଷିକ ମୁଖପତ୍ର ‘ସଂସ୍କୃତି’ର ୨୮ତମ ସଂସ୍କରଣ ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରି ବିଦ୍ୟାଳୟର ସୁନାମ ଆଣିଥିବା ପୂର୍ବତନ





ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

ଛାତ୍ରୀଛାତ୍ର ଓ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବିଦ୍ୟାମନ୍ଦିରର ବିକାଶରେ ସହଯୋଗର ହାତ ବଢ଼ାଇଥିବା ବ୍ୟକ୍ତି ବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରିଚାଳନା ସମିତି ସମ୍ପାଦକ ନାରାୟଣଚନ୍ଦ୍ର ପଣ୍ଡା ମଞ୍ଚାସୀନ ଅତିଥିଙ୍କ ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାମନ୍ଦିରର ପ୍ରଧାନଆଚାର୍ଯ୍ୟ କୃତ୍ତିବାସ ରାଉତ ବାର୍ଷିକ ବିବରଣୀ ପାଠ କରିଥିଲେ।

ଉତ୍ସବରେ ବାଲିଚନ୍ଦ୍ରପୁର ସଙ୍କୁଳ ପ୍ରମୁଖ ଅଧ୍ୟାପକ ସଂଗ୍ରାମ କିଶୋର ପରିଡ଼ା, ଉପଦେଷ୍ଟା ସର୍ବଶ୍ରୀ ପ୍ରତାପଚନ୍ଦ୍ର ପରିଡ଼ା, ଶରତଚନ୍ଦ୍ର ପୃଷ୍ଟି, ବିପିନ ବିହାରୀ ବଳ, ପ୍ରଭାତ ବଳ, ନିରଞ୍ଜନ ମହାନ୍ତି, ହିମାଂଶୁ ଶେଖର ବଳ, ପରିଚାଳନା ସମିତି ଯୁଗ୍ମସମ୍ପାଦକ ସତ୍ୟାନନ୍ଦ ମଲିକ, ସଦସ୍ୟା ରାଜଲକ୍ଷ୍ମୀ ସାହୁ ଓ ପୂର୍ବତନ ଯୁଗ୍ମ ସମ୍ପାଦକ ଉମେଶଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଆଚାର୍ଯ୍ୟ ଦେବେନ୍ଦ୍ରନାଥ ପଣ୍ଡା ଓ ସୁପ୍ରୀତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମିତି କୋଷାଧ୍ୟକ୍ଷ ଉତ୍କଳ ବଳ ସାମନ୍ତ ଧନ୍ୟବାଦ ଦେଇଥିଲେ। ପରେ ବିଦ୍ୟାମନ୍ଦିରର ଶିଶୁ କଳାକାରଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ରାହଡ଼ପୁର ପାହାଡ଼ରେ ବେଆଇନ ବ୍ଲାଷ୍ଟିଂର ପ୍ରତିବାଦ

**୧୫ ଦିନ ମଧ୍ୟରେ ସମାଧାନ ନ ହେଲେ ଆମରଣ ଅନଶନ କରିବେ ପଞ୍ଚାୟତବାସୀ**

ଯାଜପୁର ଟାଉନ, ୧୦।୪(ଡି.ଏନ.ଏ.): ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମହିଶରା ପଞ୍ଚାୟତ ନିକଟସ୍ଥ ରାହାଡ଼ପୁର କଳାପଥର ଖାଦାନରେ ବେଆଇନ କଳାପଥର ଉତ୍ତୋଳନ ଓ ବ୍ଲାଷ୍ଟିଂ ପ୍ରତିବାଦରେ ସୋମବାର ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ରାହାଡ଼ପୁର କଳାପଥର ଖାଦାନରେ ଲିଜଧାରୀ ପଥର ଉତ୍ତୋଳନ ପାଇଁ ବେଆଇନ ଭାବେ ବ୍ଲାଷ୍ଟିଂ କରିବା ଯୋଗୁ ନିକଟସ୍ଥ ସମ୍ପାରୁ ଓ ମହିଶରା ପଞ୍ଚାୟତର ୨୦ ଗ୍ରାମାବାସୀ ପ୍ରଭାବିତ ହେଉଛନ୍ତି।

ଏହି ଗ୍ରାମରେ ଥିବା ଅନେକ ଘରରେ ଫାଟ ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ସେହିପରି ଲିଜ ପରିଧି ବାହାରୁ ଲିଜଧାରୀ କଳାପଥର ଉତ୍ତୋଳନ କରିଚାଲାଣ କରୁଥିବାରୁ ସରକାର ବିପୁଳ ଟଙ୍କାର ରାଜସ୍ୱ ହରାଉଛନ୍ତି। ପ୍ରତ୍ୟେହ ଶହଶହ କଳାପଥର ବୋଝେଇ ଗାଡ଼ି ଗ୍ରାମ୍ୟ ରାସ୍ତାରେ ଯାତାୟାତ କରିବା



ଜିଲାପାଳଙ୍କୁ ଅଭିଯୋଗ ପତ୍ର ଦେବାକୁ ଆସିଥିବା ପଞ୍ଚାୟତବାସୀ।

ଫଳରେ ରାସ୍ତାଗୁଡ଼ିକ ଖାଲଖମାରେ ଭର୍ତ୍ତି ହୋଇଯାଉଛି। ଖଣି ଅଞ୍ଚଳରେ ଥିବା ରାସ୍ତାଗୁଡ଼ିକରେ ପଣି ସିଞ୍ଚନ କରି ମାଲ ପରିବହନ କରିବାର ନିୟମ ରହିଥିଲେ ହେଁ ଲିଜଧାରୀ ଏହାକୁ ଖାତିର କରୁନାହାନ୍ତି। ଗାଁ ସାରା ଧୁଳିଧୂଆଁରେ ଭର୍ତ୍ତି ହୋଇଯାଉଛି। ଏହାର କୁପ୍ରଭାବରେ ଲୋକେ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। ବ୍ଲାଷ୍ଟିଂ ଯୋଗୁ ଭୁତଳଜଳ ନିମ୍ନଗାମୀ ହେବା ସହିତ ଜଳପ୍ରଦୂଷଣ ହେଉଛି। ଏହିସବୁ ଅଞ୍ଚଳର ଲୋକେ ଭୁତଳଜଳ ବ୍ୟବହାର କରି ନାନାଦି ରୋଗରେ ପୀଡ଼ିତ ହେଉଛନ୍ତି। ଚାଷଜମିକୁ ଜଳସେଚନ ଲାଗି ରାହାଡପୁର କଳାପଥର ପାହାଡକୁ ଲାଗି ଏକ ଡ୍ୟାମ ରହିଛି। ଏବେ ମାଫିଆମାନେ ପାହାଡ଼ ଖୋଳି ସେହି ଡ୍ୟାମକୁ ପୋତି ଦେବାରୁ ଚାଷ ଜମିକୁ ଜଳସେଚନ ସମ୍ଭବ ହେଉନାହିଁ। ଏହାକୁ ନେଇ ମହିଶରା ପଞ୍ଚାୟତର ଏକ ପ୍ରତିନିଧି ଦଳ ଜିଲାପାଳଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ଉପରୋକ୍ତ ଅଭିଯୋଗଗୁଡ଼ିକୁ ୧୫ ଦିନ ମଧ୍ୟରେ ସାମାଧାନ କରା ନ ଗଲେ ପଞ୍ଚାୟତବାସୀ ଅମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏଥିସହ ଅଭିଯୋଗପତ୍ରର ଏକକିତା ନକଲ ୫-ଟି ସଚିବ, ମୁଖ୍ୟ ଶାସନ ସଚିବ, ଓଡ଼ିଶା ମାଇନ୍ସ ନିର୍ଦ୍ଦେଶକ, ଯାଜପୁର ଏସପି, ସିଡିଏମ୍‌ଓ, ଜେନାପୁର ଥାନାଅଧିକାରୀ ଓ ତହସିଲଦାର ଧର୍ମଶାଳାଙ୍କ ଅବଗତି ନିମନ୍ତେ ପ୍ରେରଣ କରାଯାଇଛି।

**ସଂକ୍ଷେପରେ**

## ୧୩୫ କିଲୋ ଗଞ୍ଜେଇ ଜବତ, ୨ ଗିରଫ

ଫୁଲବାଣୀ ଅଫିସ, ୧୦।୪-ବ୍ରହ୍ମପୁର ଅବକାରୀ ଗୋଇନ୍ଦା ଟିମ୍ ସୋମବାର ସୁଡୁକୁମ୍ପା ଛକରେ ଚଢ଼ାଉକରି ଏକ ପିକ୍‌ଅପ୍ ଭ୍ୟାନ(ଓଡି ୦୭କେ ୧୪୮୫)ରୁ ୧୩୫ କିଲୋ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଡ୍ରାଇଭରଙ୍କୁ ଗିରଫ କରାଯାଇଛି । ସେ ହେଲେ ବୌଦ୍ଧ ଜିଲା କୋମଲପୁର, ତେଲିବନ୍ଧ ଅଞ୍ଚଳର ଚିତ୍ତରଞ୍ଜନ ପ୍ରଧାନ । ଏ ନେଇ ନଂ.୧୮/୨୩-୨୪ରେ ମାମଲା ରୁଜୁ ହୋଇଛି । ସେହିପରି ସୁଡୁକୁମ୍ପା ଛକରେ ବ୍ୟାଗ୍ ଧରି ଚାଲି ଚାଲି ଯାଉଥିବା ଜଣେ ବ୍ୟକ୍ତିଙ୍କୁ ଯାଞ୍ଚ କରିବାରୁ ୫ କିଲୋ ଗଞ୍ଜେଇ ମିଳିଥିଲା। ସମ୍ପୃକ୍ତ ଗିରଫ ବ୍ୟକ୍ତି ସେହି ବୌଦ୍ଧ ଜିଲା କୋମଲପୁର, ତେଲିବନ୍ଧ ଅଞ୍ଚଳର ଦିବ୍ୟରଞ୍ଜନ ଦିଗାଲ। ଏ ନେଇ ନଂ.୧୯/୨୩-୨୪ରେ ମାମଲା ରୁଜୁ ହୋଇଥିବା ଇନ୍ସପେକ୍ଟର ଉଦୟ ଚନ୍ଦ୍ର ସାମନ୍ତ ସୂଚନା ଦେଇଛନ୍ତି । ଏକ ୭ ଜଣିଆ ଟିମ୍ ଏହି ଚଢ଼ାଉ କରିଥିଲା। ଗଞ୍ଜେଇ କନ୍ଧମାଳରୁ ବୌଦ୍ଧ ଚାଲାଣ ହେଉଥିଲା ।

## ମିଳିମିଳାରେ ୨୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ଆର୍.ଉଦୟଗିରି,୧୦।୪(ଡି.ଏନ୍.ଏ.) ମୋହନା ବ୍ଲକ ଯୁବ ପଞ୍ଚାୟତର ଡୁଣ୍ଡରୁମ ଗ୍ରାମରେ ଲାଗି ରହିଛି ମିଳିମିଳା। ଡୁଣ୍ଡରୁମ ଗ୍ରାମରେ ୪ ଦିନ ହେଲା ପିଲାଠାରୁ ବୟସ୍କ ସମସ୍ତଙ୍କୁ ବ୍ୟାପୁଛି ଏହି ରୋଗ। ବସନ୍ତ ଫୋଟକା ମିଳିମିଳାରେ ଆକ୍ରାନ୍ତ ହେଉଛନ୍ତି ଗାଁ ଲୋକେ। ଗାଁରେ ମିଳିମିଳା ବ୍ୟାପୁଥିବାରୁ ଏବେ ଲୋକଙ୍କ ମନରେ ଭୟ ସୃଷ୍ଟି ହେଉଛି। ଏହା ଚିକିତ୍ସା ଲାଗି ମେଡିକାଲ ଟିମ୍‌କୁ ଜଣାଇଥିଲେ ମଧ ସ୍ୱାସ୍ଥ୍ୟ ବିଭାଗ ଏବେ ସୁଦ୍ଧା ଗାଁରେ ପହଞ୍ଚି ନାହିଁ ବୋଲି ଗ୍ରାମବାସୀ କହିଛନ୍ତି। ଚନ୍ଦ୍ରଗିରି ଓ ମୋହନା ମେଡିକାଲକୁ ଏହି ରୋଗର ନିରାକରଣ କରିବା ଲାଗି ବହୁବାର ଅବଗତ କରାଇଥିଲେ ମଧ ଏବେ ଯାଏ ଗାଁରେ କୌଣସି ସ୍ୱାସ୍ଥ୍ୟ ଟିମ୍‌ର ଦେଖାନାହିଁ ବୋଲି ସ୍ଥାନୀୟ ସରପଞ୍ଚ ଜିଖରୀୟ ମାଝି ସୂଚନା ଦେଇଛନ୍ତି। ତୁରନ୍ତ ଗ୍ରାମରେ ଡାକ୍ତର ଟିମ୍ ପହଞ୍ଚି ଚିକିତ୍ସା ବ୍ୟବସ୍ଥା କଲେ ଲୋକେ ସୁସ୍ଥ ହୋଇପାରିବେ ବୋଲି ଗ୍ରାମବାସୀ କହିଛନ୍ତି।

## ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

ଗଞ୍ଜାମ,୧୦।୪(ଡି.ଏନ.ଏ.)-ଗଞ୍ଜାମ ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ବଟେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ସୁବଳୟା ଗୋପାଳକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୯୨ ମାଟ୍ରିକ ବ୍ୟାଚ ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ବନ୍ଧୁ ମିଳନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନୋଜ କୁମାର ପ୍ରଧାନଙ୍କ ତତ୍ତ୍ୱାବଧାନ ଏବଂ ରୋହିତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରାୟ ୩୦ଜଣ ପୁରାତନ ଛାତ୍ରୀଛାତ୍ର ଯୋଗଦେଇ ଭାବ ଆଦାନ ପ୍ରଦାନ କରିବା ସହ ପାଠ ପଢ଼ା ସମୟର ପୁରୁଣା ସ୍ମୃତିକୁ ସାଉଣ୍ଟି ସେଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିଥିଲେ। ସୁଜ୍ଞାନୀ, କାଞ୍ଚନ, ଚିତ୍ତରଞ୍ଜନ, ସୁଦାମ, ଭକ୍ତି, ଗୀତା, ଟୁନା, ସଦାଶିବ, ଲଛମନ, ମିନତି, ଦୀପ୍ତି, ସତ୍ୟ, ବୃନ୍ଦାବାନ, ପ୍ରଜ୍ଞା ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ

**ଗଞ୍ଜାମ ଜିଲା ସର୍ବଭାରତୀୟ ଅବସରପ୍ରାପ୍ତ ସଂଘର ଧାରଣା**

ଛତ୍ରପୁର,୧୦।୪(ଡି.ଏନ.ଏ.)

ଓଡିଶା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚର ଗଞ୍ଜାମ ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଗଞ୍ଜାମ ଜିଲାପାଳଙ୍କୁ ସୋମବାର ପ୍ରଦାନ କରାଯାଇଛି। ବିଶେଷ କରି ସମସ୍ତ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ଭତ୍ତା, ସପ୍ତମ ବେତନ କମିଶନଙ୍କ ସୁପାରିଶ ଗ୍ରହଣ, ପ୍ରଥମ ଫର୍ମୁଲା ଅନୁଯାୟୀ ପେନସନ ନିର୍ଦ୍ଧାରଣ, ୬୫ ବର୍ଷ ବୟସରେ ଅତିରିକ୍ତ ପେନସନ ନିର୍ଦ୍ଧାରଣ, ୧୮ ମାସର ଅତିରିକ୍ତ ମହଙ୍ଗାଭତ୍ତା ପ୍ରଦାନ, ପୂର୍ବଭଳି ୧୨ବର୍ଷରେ କମୁଟେସନ ପ୍ରଦାନ, ନୂତନ ପେନସନ ବ୍ୟବସ୍ଥା ବାତିଲ କରି ପୁରୁଣା ପେନସନ ପ୍ରଚଳନ କରିବା ଦାବୀ ନେଇ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା।



ସେବା ନିବୃତ୍ତ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ଜିଲା ସେବା ନିବୃତ୍ତ କର୍ମଚାରୀ ଓ ଶିକ୍ଷକ ବିକାଶ ମଞ୍ଚ ସଭାପତି କାମରାଜୁ ମହାରଣାଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଏହି ଧାରଣା କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଶ୍ୟାମସୁନ୍ଦର ଖାଡଙ୍ଗା ଯୋଗଦେଇ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ଅବସରପ୍ରାପ୍ତ କର୍ମଚାରୀଙ୍କ ପ୍ରତି ବୈମାତୃକ ମନୋଭାବର ସମାଲୋଚନା କରି ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା, କାର୍ଯ୍ୟକାରୀ ସଭାପତି କେ.କୃଷ୍ଣ ମୂର୍ତ୍ତି, ସମ୍ପାଦକ ପ୍ରଦୀପ କୁମାର ସାହୁ, ପୁରୁଷୋତ୍ତମପୁର ବ୍ଲକ ସଭାପତି ନରସିଂହ ପଣ୍ଡା ପ୍ରମୁଖ ପେନସନର୍ସମାନଙ୍କ ଦାବୀ ଉପରେ ବକ୍ତବ୍ୟ ରଖି ଆନ୍ଦୋଳନ ପାଇଁ ପ୍ରସ୍ତୁତ ରହିବାକୁ ଆହ୍ୱାନ ଦେଇଥିଲେ ।

## ଧାର ଟଙ୍କାକୁ କେନ୍ଦ୍ରକରି ମହିଳାଙ୍କୁ ହତ୍ୟା ଧମକ

ବ୍ରହ୍ମପୁର ଅଫିସ,୧୦।୪

ଜଣେ ମହିଳାଙ୍କୁ ଜନୈକ ବ୍ୟବସାୟୀ ୫୦ ହଜାର ଟଙ୍କା ଧାର ଦେଇଥିଲେ। ବର୍ତ୍ତମାନ ବ୍ୟବସାୟୀ ଜଣଙ୍କ ସୁଧ ସହ ୯୨ଲକ୍ଷ ଟଙ୍କା ଫେରାଇବାକୁ ମହିଳାଙ୍କୁ କହିବା ସହ ହତ୍ୟା ଧମକ ଦେଇଛନ୍ତି। ମହିଳା ଜଣଙ୍କ ଏନେଇ ବ୍ରହ୍ମପୁର ବଡ଼ବଜାର ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୧୧୫/୨୩ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ରଙ୍ଗୁଣୀବନ୍ଧ ସାହି ବାସିନ୍ଦା ଶକୁନ୍ତଳା ସୁବୁଦ୍ଧି ପାମ୍ପଡ଼ ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। କୋଭିଡ୍ ସମୟରେ ତାଙ୍କ ବ୍ୟବସାୟରେ କ୍ଷତି ହୋଇଥିଲା। ସେ ମେଣ୍ଟୁଛକରେ ଥିବା ଜଣେ ବ୍ୟକ୍ତିଙ୍କଠାରୁ ୫୦ ହଜାର ଟଙ୍କା ଧାର ନେଇଥିଲେ, ଯାହାକି ମହିଳା ଜଣଙ୍କ ଏପର୍ଯ୍ୟନ୍ତ ପରିଶୋଧ କରିପାରିନାହାନ୍ତି। କିନ୍ତୁ ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ କରଜ ପରିମାଣ ୫୦ ହଜାର ଟଙ୍କାକୁ ୯୨ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ମହିଳା ଜଣକ ଘରେ ଥିବା ସମୟରେ କେତେକ ଲୋକଙ୍କୁ ନେଇ ସେ ତାଙ୍କୁ ୯୨ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ଦେଲେ ଜୀବନରେ ମାରିଦେବାକୁ ସେ ଧମକ ଦେଇଥିଲେ। ଏଥିରେ ଭୟଭୀତ ହୋଇ ଶକୁନ୍ତଳା ନିଜର ଝିଅ ଓ ନାତୁଣୀକୁ ନେଇ ଘର ଛାଡ଼ି ଲୁଚି ରହିବା ସହ ସୁରକ୍ଷା ପାଇଁ ପୋଲିସ ସହାୟତା ଲୋଡ଼ିଥିଲେ।

ସମ୍ପୃକ୍ତ ବ୍ୟକ୍ତି ଜଣଙ୍କ ଶକୁନ୍ତଳା ଘରେ ନ ଥିବା ବେଳେ କେତେକ ସମର୍ଥକଙ୍କ ସହ ସେଠାରେ ପହଞ୍ଚି ତାଙ୍କ କବାଟ ବାଡ଼େଇଥିଲେ। ଝିଅ ଓ ନାତୁଣୀଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କବାଟ ଖୋଲିବାକୁ କହିଥିଲେ। ଘର ଭିତରେ ଥିବା ଶକୁନ୍ତଳାଙ୍କ ଝିଅ ଓ ନାତୁଣୀ ପୋଲିସକୁ ଫୋନ କରିଥିଲେ । ପୋଲିସକୁ ଦେଖି ସେମାନେ ଦୌଡ଼ି ପଳାଇଥିଲେ।

## ଗ୍ରାମକଣ୍ଠ ପରମ୍ପୋକ ପଟ୍ଟା ବଣ୍ଟନ ମେଳା

ପୁରୁଷୋତ୍ତମପୁର,୧୦।୪(ଡି.ଏନ.ଏ.)

ପୁରୁଷୋତ୍ତମପୁର ତହସିଲ କାର୍ଯ୍ୟାଳୟ ପକ୍ଷରୁ ଗ୍ରାମକଣ୍ଠ ପରମ୍ପୋକ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ତହସିଲଦାର ସନ୍ତୋଷ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ, ଏନ୍ଏସି ଅଧ୍ୟକ୍ଷା ପ୍ରିୟଙ୍କା ଗୌଡ ଓ ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା ଯୋଗଦେଇ ଥିଲେ। ଏହି ଅବସରରେ ୧୧ ରାଜସ୍ୱ ସର୍କିଲର ୨,୭୫୩ ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଇଥିଲା।

## ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହେଲେ ବିମଳ


ବିମଳ କୁମାର ପଣ୍ଡା ।

ଛତ୍ରପୁର,୧୦।୪(ଡି.ଏନ.ଏ.)

ଗଞ୍ଜାମ ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହୋଇଛନ୍ତି ବିମଳ କୁମାର ପଣ୍ଡା। ସେ ପୂର୍ବରୁ ଛାତ୍ର ବିଜେଡି ରାଜ୍ୟ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇ ଆସିଥିବା ବେଳେ ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଜିଲାର ଯୁବଗୋଷ୍ଠୀଙ୍କୁ ଦଳୀୟ ସଂଗଠନରେ ସାମିଲ କରି ଏହାକୁ ସୁଦୃଢ କରିବା ଲାଗି ତାଙ୍କୁ ଏହି ଗୁରୁଦାୟିତ୍ୱ ଦିଆଯାଇଥିବା ଯୁବ ବିଜେଡି ଜିଲା ସଭାପତି ଭବାନୀକାନ୍ତ ସାହୁ ଏକ ପତ୍ର ମାଧ୍ୟମରେ ଦର୍ଶାଇଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଯୁବ ବିଜେଡି ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜୁ ଜନତା ଦଳ ଜିଲା ସଭାପତି ଡାକ୍ତର ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା, ଯୁବ ବିଜେଡି ଜିଲା ସଭାପତି ଭବାନୀ କାନ୍ତ ସାହୁ ସମେତ ଅନ୍ୟ ମାନଙ୍କୁ ଧନ୍ୟବାଦ ଦେଇଛନ୍ତି ।

# ବଡମାଧପୁରରେ ପଞ୍ଚୁଦଣ୍ଡ ମହାମିଳନ


ପଞ୍ଚୁଦଣ୍ଡ ମହାମିଳନରେ ଭାଗ ନେଇଥିବା ଦଣ୍ଡୁଆ ।

ଛତ୍ରପୁର,୧୦।୪(ଡି.ଏନ୍.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ ବଡମାଧପୁର ଗ୍ରାମରେ ଦୀର୍ଘ ୨୨ ବର୍ଷ ଧରି ପ୍ରତି ବର୍ଷ ଏପ୍ରିଲ ୧୦ରେ ପଞ୍ଚୁଦଣ୍ଡ ମହାମିଳନ ଅନୁଷ୍ଠିତ ହୋଇ ଆସୁଅଛି। ଏଥିରେ ବେଲଗୁଣ୍ଠା, କବିସୂର୍ଯ୍ୟନଗର(ପରିଡା ପାର୍ଟି), ବାବନପୁର, ଶାଳବଣ ଓ ପୁରୁଷୋତ୍ତମପୁର (ତେଲି ପାର୍ଟି) ଆଦି ୫ଟି ଗ୍ରାମର ଦଣ୍ଡ ଯାତ୍ରା ଦଳର ମହାକାଳୀ ଓ ମହାଦେବ ମିଳିତ ହୋଇଥିଲେ। ଏହି ମହାମିଳନ ସମୟରେ ଝୁଣା ମହକରେ ମିଳନ ସ୍ଥଳ ମହକିତ ହୋଇଥିବା ବେଳେ ଢୋଲ ଓ ଝାଞ୍ଜ ନାଦରେ ପ୍ରକମ୍ପିତ ହୋଇଥିଲା। ଏହାକୁ ଦେଖିବା ଲାଗି ଆଖପାଖ ଅଞ୍ଚଳର ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ହୋଇଥିଲା। ପଞ୍ଚ ଦଣ୍ଡ ଯାତ୍ରା ଦଳର ସାମୂହିକ ଗ୍ରାମ ପରିକ୍ରମା କାଳରେ ପ୍ରତ୍ୟେକ ଘର ସମ୍ମୁଖରେ ପୂର୍ଣ କୁମ୍ଭ ବଢ଼ା ହେବା ସହ ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଏଠାରେ ଧୂଳି ଦଣ୍ଡ, ପାଣି ଦଣ୍ଡ, ଅଗ୍ନି ଦଣ୍ଡ, ସନ୍ଧ୍ୟା ଆଳତି ଓ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆଦିରେ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। କାର୍ଯ୍ୟକ୍ରମକୁ ପଞ୍ଚୁଦଣ୍ଡ ଯାତ୍ରା କମିଟି ଓ ବଡମାଧପୁର ଗ୍ରାମବାସୀଙ୍କ ସହଯୋଗରେ ପରିଚାଳନା କରାଯାଇଥିଲା ।

## ଅପହୃତା ନାବାଳିକା ଯାଜପୁରରୁ ଉଦ୍ଧାର

ବ୍ରହ୍ମପୁର ଅଫିସ,୧୦।୪

ଅପହରଣ କରାଯାଇଥିବା ଜଣେ ନାବାଳିକା ଛାତ୍ରୀଙ୍କୁ ବ୍ରହ୍ମପୁର ବଡ଼ବଜାର ପୋଲିସ ଯାଜପୁରର ବଟଗାଁରୁ ସୋମବାର ଉଦ୍ଧାର ସହ ଅପହରଣକାରୀ ଯୁବକଙ୍କୁ ସେଠାରୁ ଧରିଛି। ଯୁବକ ଜଣଙ୍କ ଯାଜପୁର ବଡ଼ଚଣା ଥାନା ଅନ୍ତର୍ଗତ ବଟଗାଁର ଶ୍ରୀନିବାସ ମଲିକ(୨୩)। ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଛି। ଶ୍ରୀନିବାସ ସମ୍ପୃକ୍ତା ନାବାଳିକାଙ୍କୁ ବ୍ରହ୍ମପୁର ରାମଲିଙ୍ଗମ୍ ପାର୍କ ନିକଟରୁ ମାର୍ଚ୍ଚ ୨୩ରେ ଅପହରଣ କରି ଭୁବନେଶ୍ୱର ନେଇଥିଲେ। ସେଠାରୁ ଚଣ୍ଡିଖୋଲ ନେଇ ଏକ ମନ୍ଦିରରେ ବିବାହ କରିଥିଲେ। ପରେ ତାଙ୍କ ଗାଁକୁ ନେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ ବୋଲି ବୟାନରେ ପୀଡ଼ିତା ଜଣଙ୍କ ପୋଲିସକୁ କହିଥିଲେ। ସୋମବାର ଉଭୟ

**ଯୁବକ କୋର୍ଟ ଚାଲାଣ**

ପୀଡ଼ିତା ଓ ଶ୍ରୀନିବାସଙ୍କ ଡାକ୍ତରୀମାଇନା କରାଯାଇଛି। ମାମଲା ନମ୍ବର ୮୭/୨୩ରେ ଶ୍ରୀନିବାସଙ୍କୁ କୋର୍ଟ ଚାଲାଣ କରାଯାଇଛି। ପ୍ରକାଶ ଯେ, ଜନୈକା ଛାତ୍ରୀ ଏକ ଅଜଣା ଫୋନ କଲ୍ ରିସିଭ କରିବା ପରେ ଜଣେ ଯୁବକଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବକ ଜଣଙ୍କ ଯାଜପୁର ଅଞ୍ଚଳର ଶ୍ରୀନିବାସ ମଲିକ ବୋଲି ନାବାଳିକାଙ୍କୁ କହିଥିଲେ। ଗତ ମାର୍ଚ୍ଚ ୨୩ରେ ଛାତ୍ରୀ ଜଣଙ୍କ ତାଙ୍କର ଜଣେ ସାଙ୍ଗ ସହ ଚୁଡ଼ି କିଣିବାକୁ କହି ଘରୁ ବଜାରକୁ ଯାଇ ଫେରିନଥିଲେ। ତାଙ୍କ ଝିଅକୁ ଜଣେ ଯୁବକ ନେଇ କେଉଁଆଡ଼େ ଚାଲିଯାଇଛନ୍ତି ବୋଲି ନାବାଳିକାଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ।

## ବଜାରରେ ଅଚଳ ଦଶଟଙ୍କିଆ କଏନ୍

ଧରାକୋଟ,୯।୪(ଡି.ଏନ୍.ଏ.)

ଧରାକୋଟ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୋକାନୀମାନେ ଦଶଟଙ୍କିଆ କଏନ ନେଉ ନାହାନ୍ତି । ଲୋକେ ବ୍ରହ୍ମପୁର, ଆସିକା, ଭୁବନେଶ୍ୱର, କଟକ, ଭଞ୍ଜନଗର ଏବଂ ଅନ୍ୟାନ୍ୟ ସ୍ଥାନକୁ ଗଲେ ଦଶଟଙ୍କିଆ କଏନ ନେଇ କାରବାର କରୁଛନ୍ତି। ଏଥିଯୋଗୁ ସାଧାରଣ ଲୋକ ହଇରାଣ ହେଉଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କବି ପ୍ରଶ୍ନ ଦଳାଇ ସମ୍ବର୍ଦ୍ଧିତ

କବିସୂର୍ଯ୍ୟନଗର,୧୦।୪(ଡି.ଏନ.ଏ.)

କବିସୂର୍ଯ୍ୟନଗର କେବିଭି ମହା ବିଦ୍ୟାଳୟର ଇଂଲିଶ ଅଧ୍ୟାପକ ପ୍ରଶ୍ନ ଦଳେଇଙ୍କୁ କଲେଜର ୩୯ତମ ବାର୍ଷିକ ଉତ୍ସବରେ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଏଥିରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା, କବିସୂର୍ଯ୍ୟନଗର ବିଧାୟିକା ଲତିକା ପ୍ରଧାନ, ଏନ୍ଏସି ଅଧ୍ୟକ୍ଷା ଓ ଉପାଧ୍ୟକ୍ଷ ବିକ୍ରାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ନିଜର ଇଂରାଜୀ ରଚନା ଯୋଗୁ ଦଳାଇ ପୁରସ୍କୃତ ହୋଇଛନ୍ତି। ଆଜିର ସାମାଜିକ ଚଳଣି, ପ୍ରକୃତିର ରୂପଚର୍ଯ୍ୟା, ପ୍ରକୃତି ଓ ମଣିଷ ଉପରେ ପ୍ରକାଶିତ ଲେଖା ଗୁଡିକ ଉଚ୍ଚକୋଟୀର ହୋଇଥିବା ହେତୁ ସେ ବିଭିନ୍ନ ସ୍ଥାନରୁ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି । ୱେଷ୍ଟ ଇଣ୍ଡିଜରୁ ହାନାରବି ଆୱାର୍ଡ, ବାଂଲାଦେଶରୁ ଟିଚର ଡିପ୍ଲୋମା ଆୱାର୍ଡ, ନାଇଜେରିଆରୁ ଇଣ୍ଟର ନ୍ୟାଶନାଲ ଆୱାର୍ଡ, ଭାରତରୁ ମଦର ଟେରେସା ଆୱାର୍ଡ, କଟକରୁ ଜୟଦେବ ପୁରସ୍କାର ଏପରି ବହୁ ସମ୍ମାନର ଅଧିକାରୀ ହୋଇପାରିଛନ୍ତି।

## କଂକ୍ରିଟ ଛାତ ତଳେ ଚାପି ହୋଇ ଶ୍ରମିକ ମୃତ

ଦିଗପହଣ୍ଡି,୧୦।୪(ଡି.ଏନ.ଏ.)

ସାନଖେମୁଣ୍ଡି ବ୍ଲକ ପୁରୁଣା ମଳାଭଞ୍ଜା ଗ୍ରାମର ଜଣେ ବ୍ୟକ୍ତିଙ୍କ ପୁରୁଣା ଛାତ ଭଙ୍ଗା ଯାଉଥିବା ବେଳେ ସୋମବାର ଅସାବଧାନତାରୁ ଅଘଟଣ ଘଟିଥିଲା। ପୁରୁଣା ଛାତ କଂକ୍ରିଟ ତଳେ ଚାପି ହୋଇ ଜଣେ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ନୂଆ ମଳାଭଞ୍ଜା ରାଧାନଗର ଗ୍ରାମର ଶ୍ୟାମ ଘନ ଦୋରା। ତାଙ୍କୁ ଗୁରୁତର ଅବସ୍ଥାରେ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାର ଲୋକେ ମୃତଦେହକୁ ନେଇ ଅନ୍ତିମ ସଂସ୍କାର କରି ଦେଇଥିବା ଜଣାପଡିଛି। ପୋଲିସ ନିକଟରେ ଏନେଇ କୌଣସି ସୂଚନା ନ ଥିବା ଜଣାପଡିଛି।

# ବୁରୁଖୋଲି ଗ୍ରାମ ମୁଖ୍ୟରାସ୍ତା ନିର୍ମାଣ ଦାବି


ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତ ବୁରୁଖୋଲି ଗ୍ରାମ ମୁଖ୍ୟରାସ୍ତା ଶୋଚନୀୟ ହୋଇପଡିଛି ।

ପାରଳାଖେମୁଣ୍ଡି, ୧୦।୪(ଡି.ଏନ୍.ଏ.)

ଗଜପତି ଜିଲା ଗୋଷାଣୀ ବ୍ଲକ ରମ୍ଭା ପଞ୍ଚାୟତ ଅନ୍ତର୍ଗତ ବୁରୁଖୋଲି ଗ୍ରାମ ମୁଖ୍ୟରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ଉଲ୍ଲିଖିତ ଗ୍ରାମ ରାସ୍ତା ପୂର୍ବରୁ କେବେ ବି ନିର୍ମାଣ ହୋଇନାହିଁ । କେବଳ ମାଟି ମୋରମ ପକାଯାଇ ରାସ୍ତା ସଜଡ଼ାଯାଉଛି । ହେଲେ ପକ୍କାରାସ୍ତା ନ ଥିବାରୁ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ପ୍ରଶାସନକୁ ବାରମ୍ବାର ଜଣାଯାଉଥିଲେ ମଧ କୌଣସି ଫଳପ୍ରଦ ହୋଇନାହିଁ ବୋଲି ଗ୍ରାମବାସୀ ଜଣାଇଛନ୍ତି । ବୁରୁଖୋଲି ଗ୍ରାମର ୩ ଗୋଟି ସାହି ପ୍ରାୟ ୨କି.ମି. ପରିଧିରେ ବୁରୁଖୋଲି, ବଡବୁରୁଖୋଲି ଓ ସାନ ବୁରୁଖୋଲି ରହିଛି । ଏହି ସାହିଗୁଡ଼ିକରେ ୬୦ରୁ ଊର୍ଦ୍ଧ୍ୱ ପରିବାରର ୨୫୦ରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ଆଜି ଯାଏ ପକ୍କାରାସ୍ତାଟିଏ ନ ଥିବାରୁ ଲୋକେ ନାହିଁ ନ ଥିବା ହୀନସ୍ତା ଭୋଗୁଛନ୍ତି। ଏହି ଗ୍ରାମ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨କି.ମି. ଭିତରେ ରହିଛି । ମାଟି ତଥା ଖାଲଖମା ରାସ୍ତାରେ ଭର୍ତ୍ତି ଏହି ଗ୍ରାମ୍ୟ ରାସ୍ତାରେ ଜରୁରିକାଳୀନ ପରିସ୍ଥିତି ଯଥା ଗର୍ଭବତୀଙ୍କୁ ନେବା ଆଣିବା କିମ୍ବା କାହାରି ଦେହ ଖରାପ ହେଲେ ଆମ୍ବୁଲାନ୍ସଟିଏ ଯାଇପାରୁନାହିଁ । ଲୋକେ ନିଜ ନିଜ ଉପାୟ ଅବଲମ୍ବନକରି ମୁଖ୍ୟରାସ୍ତାକୁ ନେବା ଆଣିବା କରିଥାନ୍ତି। ସେହିପରି ଗ୍ରାମରେ ବିଦ୍ୟାଳୟ ବନ୍ଦ ହୋଇଯାଇଥିବାରୁ ୨କି.ମି. ଦୂରରେ ଥିବା ବୁରୁଗାଁ ବିଦ୍ୟାଳୟକୁ ଛାତ୍ରୀଛାତ୍ରମାନେ ଯିବାଆସିବା କରିବା କଷ୍ଟକର ହୋଇପଡୁଛି। ବୁରୁଗାଁବିଦ୍ୟାଳୟରେ ପ୍ରାୟତଃ ଏହିବୁରୁଖୋଲି ଗ୍ରାମର ଛାତ୍ରୀଛାତ୍ରମାନେ ଅଧ୍ୟୟନ କରୁଛନ୍ତି । ଏହି ୩ ସାହିରେ ସମସ୍ୟା ମଧ୍ୟରେ ରାସ୍ତାଘାଟ ହିଁ ମୁଖ୍ୟ ସମସ୍ୟା ପାଲଟିଥିବା ବେଳେ ପାନୀୟ ଜଳ ବ୍ୟବସ୍ଥା କରାଯାଇଥିଲେ ମଧ୍ୟ ଠିକ୍ ଭାବେ କାମ କରୁ ନ ଥିବା ଗ୍ରାମବାସୀ ଜଣାଇଛନ୍ତି । ସୌରଚାଳିତ ପମ୍ପ ବ୍ୟବସ୍ଥା ହୋଇଛି । ହେଲେ ଏହା କୌଣସି କାରଣରୁ କାମ ଦେଉନାହିଁ। ଫଳରେ ଲୋକେ ଗ୍ରାମ ନିକଟସ୍ଥ କୂଅ ଉପରେ ଭରସା କରିଥାନ୍ତି । ଏହି ସମସ୍ୟା ସମ୍ପର୍କରେ ବାରମ୍ବାର ପ୍ରଶାସନକୁ ଅବଗତ କରାଯାଉଛି। ରାସ୍ତାଘାଟ ସମସ୍ୟାର ତୁରନ୍ତ ସମାଧାନ ପାଇଁ ଦାବି ହୋଇଛି ।

## ବିହାର ଚାଲାଣବେଳେ ଧରାପଡ଼ିଲା ୧୦୫ କେଜି ଗଞ୍ଜେଇ

ବ୍ରହ୍ମପୁର ଅଫିସ,୧୦।୪

ଗଜପତି ଜିଲା ମୋହନା ଅଞ୍ଚଳରୁ ବ୍ରହ୍ମପୁର ଦେଇ ଏକ କାରରେ ଚାଲାଣ ହେଉଥିବା ୧୦୫ କେଜି ଗଞ୍ଜେଇ ବ୍ରହ୍ମପୁର ଅବକାରୀ ଗୋଇନ୍ଦା ପୋଲିସ ରବିବାର ଧରିଛି। ଏଥିରେ ସମ୍ପୃକ୍ତ ୭ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫମାନେ ହେଲେ ଦୁର୍ଗେଶ କୁମାର ପାଣ୍ଡେ, ଦୀପକ ନାୟକ, ଭଗବାନ ରାମ, ମନୁ ଦୁବେ, ବ୍ରହ୍ମାନନ୍ଦ ରାଜବର, ରୋହିତ କୁମାର ଓ ଅଲେଖ ବେହେରା। ଏ ନେଇ ନଂ.୯/୨୩-୨୪ରେ ଏକ ମାମଲା ରୁଜୁ କରାଯାଇଛି।

ପ୍ରକାଶ ଯେ, ଅବକାରୀ ଟିମ୍ ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ରବିବାର ଏକ କାର (ନଂ. ଓଡି ୦୫ ୟୁ-୨୩୧୫)କୁ ଯାଞ୍ଚ କରିଥିଲା। କାର ଭିତରୁ ଟିମ୍ ପୋଡ଼ାମାରିର ଦୀପକ କୁମାର ନାୟକଙ୍କୁ


ଗିରଫ ଅଭିଯୁକ୍ତଙ୍କ ସହ ଜବତ ଗଞ୍ଜେଇ ।

**କାର ଜବତ, ୭ ଗିରଫ**

ଧରିଥିଲା। ତାଙ୍କଠାରୁ ୭୫ କେଜି ଗଞ୍ଜେଇ ଜବତ କରିଥିଲା। ଦୀପକଙ୍କୁ ଜେରା ପରେ ଅନ୍ୟ ୬ ଜଣଙ୍କଠାରୁ ୩୦ କେଜି ଗଞ୍ଜେଇ ଜବତ ହୋଇଥିଲା। ଏହି ଗଞ୍ଜେଇ ମୋହନାରୁ ବ୍ରହ୍ମପୁର ଦେଇ ବିହାର ଚାଲାଣ ହୋଇଥା'ନ୍ତା ବୋଲି ଜଣାପଡିଛି। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ହୃଦୟ ଚନ୍ଦ୍ର ସାମନ୍ତ, ଏସ୍ଆଇ ଅଜିତ୍ କୁମାର ନାୟକ, ଡ. ଅଶୋକ କୁମାର ସାହୁ, ଏଏସ୍ଆଇ ଅନ୍ତର୍ଯ୍ୟାମୀ ସାହୁ, କନ୍‌ଷ୍ଟେବଲ କପିଳାସ ଭତ୍ରା, ବଳରାମ ଜେନା, କୁମୁଦ ପ୍ରଧାନ ଓ ସନ୍ତୋଷ କୁମାର ନାୟକ, ସରୋଜ ସ୍ୱାଇଁ ଓ ଶୁଭମ୍ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ।

## ସଂକ୍ଷେପରେ

### ପ୍ରଦୀପ ଦାସ ହିନ୍ଦ୍ ମଜଦୁର ସଂଘ ରାଜ୍ୟ ସମ୍ପାଦକ



ବ୍ରହ୍ମବରଦା,୧୦।୪(ଡି.ଏନ.ଏ.): ଶ୍ରମିକ ସଙ୍ଗଠନ ହିନ୍ଦ ମଜଦୁର୍ ସଂଘର ରାଜ୍ୟ ପଦାଧିକାରୀଙ୍କ ନାମ ଘୋଷଣା କରାଯାଇଛି। ସଂଘ ସଭାପତି କୃଷ୍ଣଚନ୍ଦ୍ର ପାତ୍ର ନୂତନ କାର୍ଯ୍ୟକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହି ତାଲିକାରେ ଯାଜପୁର ଅଞ୍ଚଳର ବିଡ଼ି ଶ୍ରମିକ ସଂଘ ଏବଂ ଯାଜପୁର ଜିଲା ନିର୍ମାଣ ଶ୍ରମିକ ସଂଘ ସଭାପତି ତଥା ଶ୍ରମିକ ନେତା ପ୍ରଦୀପ ଦାସଙ୍କୁ ସମ୍ପାଦକ ଦାୟିତ୍ୱ ଦିଆଯାଇଛି। ଏହାକୁ ନେଇ ଯାଜପୁର ଜିଲାର ବ୍ରହ୍ମବରଦା ଅଞ୍ଚଳରେ ଖୁସିର ଲହରି ଖେଳିଯିବାସହ ତାଙ୍କ ନିକଟରକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଅନ୍ୟପକ୍ଷରେ ତାଙ୍କ ନାମ ଘୋଷଣା ପରେ ସେ ସଂଘ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପାତ୍ର, ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ, ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ପଶ୍ଚିମ ଓଡ଼ିଶାର ବର୍ଷିୟାନ ଶ୍ରମିକ ନେତା ବିଜୟ ମହାନ୍ତିଙ୍କୁ କୃତଜ୍ଞତା ଜଣାଇଛନ୍ତି। ସମସ୍ତ ଶ୍ରମିକଙ୍କ ହିତ ପାଇଁ କାମ କରି ସଂଗଠନ ମଜଭୁତ କରିବା ଦିଗରେ ଚେଷ୍ଟା କରିବେ ବୋଲି ପ୍ରଦୀପ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

### ହରି ବାବାଜୀ ମଠରେ ରାବଣ ପୋଡ଼ି

ବାଲିଚନ୍ଦ୍ରପୁର,୧୦।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲାଇ ବାରବାଟୀ ପଡ଼ିଆଠାରେ ଥିବା ବାବା ହରେକୃଷ୍ଣ ଦାସ (ହରି ବାବାଜୀ ମଠ) ପରିସରରେ ରାବଣ ପୋଡ଼ି ଉତ୍ସବ ପାଳିତ ହୋଇଯାଇଛି। କଳାକାର ଓଡ଼ିଶା ସଭାପତି କବି ସତ୍ୟବ୍ରତ ପୁହାଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବ ଉପଲକ୍ଷେ ଆୟୋଜିତ ସଭାକୁ ଗାଙ୍ଗମଠର ମଠାଧିଶ ବାବା କୌସ୍ତୁଭ ବ୍ରହ୍ମଚାରୀ ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଆରତି ବେହେରା, ସମିତିସଭ୍ୟା ସଞ୍ଜୁଲତା ଜେନା ପ୍ରମୁଖ ଯୋଗଦେଇ ରାବଣ ପୋଡ଼ିର ପୌରାଣିକ ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଉତ୍ସବରେ ଗୋକୁଳାନନ୍ଦ ମଲିକ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଭୁଦତ୍ତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପଲାଇ ହନୁମାନ ରାମଲୀଳା ଦଳର କଳାକାରମାନେ 'ରାମ ରାବଣ ଯୁଦ୍ଧ' ନାଟିକା ମଞ୍ଚସ୍ଥ କରିଥିଲେ। ଉତ୍ସବ ପରିଚାଳନାରେ କମିଟି ସଭାପତି ନବୀନ ମଲ୍ଲିକ, ସମ୍ପାଦକ ସୁଶାନ୍ତ କୁମାର ଜେନା, ନାରାୟଣ ମଲ୍ଲିକ, ବୈଷ୍ଣବଚରଣ ମଲ୍ଲିକ, ଭ୍ରମରବର ମଲ୍ଲିକ, ଭଜହରି ଦାସ, ବିକ୍ରମ କେଶରୀ ପ୍ରଧାନ ଓ ସନାତନ ଜେନା ପ୍ରମୁଖ ସହଯୋଗ କରିଥିଲେ। ରଣଜିତ ସାହୁ ଧନ୍ୟବାଦ ଦେଇଥିଲେ।

# ପୂର୍ବରୁ ଗୁଳି, ଏବେ ଅଣଦେଖାର ଶିକାର

*ଦିନ ଥିଲା, ଯାଜପୁର ଜିଲାରେ ଶିଳ୍ପ କାରଖାନାଜନିତ ବିସ୍ଥାପନକୁ ବନ୍ଦ କରିବା ପାଇଁ ଲୋକଙ୍କୁ ପୋଲିସ ଗୁଳିର ସାମ୍ନା କରିବାକୁ ପଡୁଥିଲା। କିନ୍ତୁ କଳିଙ୍ଗନଗର ଶିଳ୍ପାଞ୍ଚଳରେ ଏବେ ପରିସ୍ଥିତି ଓଲଟା ହୋଇଛି। ଶିଳ୍ପଜନିତ ପ୍ରଦୂଷଣରେ ଅତିଷ୍ଠ ଲୋକେ ବିସ୍ଥାପିତ ହେବାକୁ ଚାହୁଁଥିଲେ ମଧ୍ୟ ପ୍ରଶାସନିକ ଅଣଦେଖାର ଶିକାର ହେଉଛନ୍ତି।*

ଯାଜପୁର ଅଫିସ,୧୦।୪

ଯାଜପୁର ଜିଲା ଦାନଗଦି ବ୍ଲକ ଅଧୀନ ବହୁ ଗ୍ରାମର ବାସିନ୍ଦା ପ୍ରଦୂଷଣ ଜ୍ୱାଳାରେ ବିସ୍ଥାପିତ ହୋଇ ଅନ୍ୟତ୍ର ରହିବାକୁ ଦାବି କରି ଆସୁଛନ୍ତି। କିନ୍ତୁ ଏ ଦିଗରେ ପ୍ରତିବନ୍ଧକ ସାଜିଛି ରାଜ୍ୟ ସରକାରଙ୍କ ୨୦୦୫ କଳିଙ୍ଗନଗର ବିସ୍ଥାପନ ନୀତି। କାରଣ ଏହି ନୀତି ଅନୁଯାୟୀ ୧।୧।୨୦୦୫ରେ ତାଲିକାଭୁକ୍ତ ହୋଇଥିବା ପରିବାର ହିଁ ବିସ୍ଥାପନ ହୋଇପାରିବେ। ହେଲେ ସେତେବେଳେ ସେହି ତାଲିକାଭୁକ୍ତ ପରିବାରରେ ଥିବା ନାବାଳକମାନେ ଏବେ ସାବାଳକ ସାଜି ନୂଆ ପରିବାର ବସାଇଲେଣି। କିନ୍ତୁ ଏହି ନୂଆ ପରିବାରଗୁଡ଼ିକ ୨୦୦୫ ବିସ୍ଥାପନ ନୀତିର ସୁବିଧା ସୁଯୋଗରୁ ବଞ୍ଚିତ ହୋଇଛନ୍ତି। ଏହାକୁ ନେଇ ଶିଳ୍ପ ପ୍ରଭାବିତ ଗ୍ରାମଗୁଡ଼ିକରେ



ବିସ୍ଥାପିତ ହେବାକୁ ଥିବା କୁଡୁମୀସାହି ଗ୍ରାମ।

ଅସନ୍ତୋଷ ପ୍ରକାଶ ପାଇଛି।

୧୮ ବର୍ଷ ତଳର ବିସ୍ଥାପନ ନୀତିକୁ ଆପଣାଇ ସରକାର ସମ୍ପ୍ରତି ଯୁବବର୍ଗଙ୍କୁ ହତାଦର କରୁଛନ୍ତି। ତେଣୁ ପୁନର୍ବାସ ଓ ପାରିପାର୍ଶ୍ୱିକ ଉନ୍ନୟନ ପରାମର୍ଶଦାତା କମିଟି (ଆର୍‌ପିଡିଏସି) ବୈଠକ ଆୟୋଜନ କରି ୨୦୦୫ କଳିଙ୍ଗନଗର ବିସ୍ଥାପନ ନୀତିର ପୁନର୍ବିଚାର ଓ ସଂଶୋଧନ କରିବାକୁ ଦାବି ହେଉଛି। ହେଲେ ୬ ବର୍ଷ ହେଲା ଆର୍‌ପିଡିଏସି ବୈଠକ ହେଉ ନ ଥିବାରୁ ୨୦୦୫ ବିସ୍ଥାପନ ନୀତିରେ ରହିଥିବା ପରିବାର ପ୍ରସ୍ତୁତି ନିର୍ଦ୍ଧାରିତ ତାରିଖ ୧।୧।୨୦୦୫କୁ ସଂଶୋଧନ କରାଯାଇପାରୁନାହିଁ। ଏନେଇ ଦାନଗଦି ବ୍ଲକ ଯଖପୁରା ପଞ୍ଚାୟତର କୁଡୁମୀସାହି ଏବଂ ଚାନ୍ଦିଆ ପଞ୍ଚାୟତର କଟେରିଗାଁ, ଅରାସାହି ଓ ଟାଙ୍ଗରସାହି ଅଧିବାସୀଙ୍କ ପକ୍ଷରୁ ଦାବି ଓ ଆନ୍ଦୋଳନ କରାଯାଇଛି। କଟକ କେନ୍ଦ୍ରାଞ୍ଚଳ ଆର୍‌ଡିସିଙ୍କ ପକ୍ଷରୁ ଏ ସମ୍ପର୍କରେ ତଦନ୍ତ କରାଯାଇ ବିହିତ ପଦକ୍ଷେପ ନେବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ହୋଇଥିଲା। ହେଲେ ଏଯାଏ କିଛି ସୁଫଳ ମିଳି ପାରିନାହିଁ। ଏହାକୁ ନେଇ ଅସନ୍ତୋଷ ଦେଖୁଥିବାବେଳେ ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁସଚିବ ପ୍ରବୀଣ କୁମାର ଚକ୍ର ଗତ ୪ ତାରିଖରେ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ବିସ୍ଥାପିତ ଓ ଜମିହରାଙ୍କ ସମସ୍ୟାର ପ୍ରତିକାର ଏବଂ ପ୍ରଭାବିତ ଅଞ୍ଚଳର ଉନ୍ନୟନ ପାଇଁ ଆର୍‌ପିଡିଏସି ବୈଠକ ଶେଷ ଥର ପାଇଁ ୧୪।୯।୨୦୧୬ରେ ଅନୁଷ୍ଠିତ ହୋଇଥିଲା। କଟକଠାରେ ଆର୍‌ପିଡିଏସି ବୈଠକ ହୋଇଛି ବୋଲି ପ୍ରଶାସନ ପକ୍ଷରୁ ଦାବି କରାଯାଉଛି। ତେବେ ତାହା ଲୁଚାଛପାରେ ହୋଇଥିବା ଅଭିଯୋଗ ହେଉଛି। କଳିଙ୍ଗନଗର ଶିଳ୍ପାଞ୍ଚଳରେ ଆର୍‌ପିଡିଏସି ବୈଠକ ନହେବା ଶିଳ୍ପ ବିସ୍ଥାପିତଙ୍କ ପ୍ରତି ପ୍ରଶାସନର ସମ୍ବେଦନହୀନତା ବୋଲି ସବୁଠି ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁସାରେ ବର୍ଷରେ ଅନ୍ତତଃ ୪ ଥର ଆର୍‌ପିଡିଏସି ବୈଠକ ହେବା କଥା, କିନ୍ତୁ ୬ ବର୍ଷରୁ ଅଧିକ ହେଲା

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- ବିସ୍ଥାପନ ସୁବିଧାରୁ ବଞ୍ଚିତ ଯୁବବର୍ଗ
- ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ନିର୍ଦ୍ଦେଶ

ଉକ୍ତ ବୈଠକ ହୋଇନାହିଁ। ଅପରପକ୍ଷରେ ବିସ୍ଥାପିତ ଓ ଜମିହରାଙ୍କ ଅସନ୍ତୋଷରୁ ବିଭିନ୍ନ କାରଖାନାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଏବଂ କାରଖାନା ପ୍ରତିଷ୍ଠାରେ ବାଧା ସୃଷ୍ଟି ହେଉଥିଲେ ବି ପ୍ରଶାସନ ତତ୍ପରତା ପ୍ରକାଶ କରୁନାହିଁ।

ସୂଚନାଥାଉ କି, ଉପରୋକ୍ତ ୪ ଗ୍ରାମ ବିସ୍ଥାପିତ ହେବାକୁ ଥିବାରୁ ସେଠାରେ ବିକାଶ ପହଞ୍ଚି ପାରିନାହିଁ। ଫଳରେ ୨୮ ବର୍ଷ ହେଲା ଏହି ୪ ଗ୍ରାମର ବାସିନ୍ଦା ଶିଳ୍ପ ପ୍ରଦୂଷଣର ଜ୍ୱାଳାରେ ଦହଗଞ୍ଜ ହେବା ସହ ଅନୁନ୍ନତ ଅଞ୍ଚଳର ଅଧିବାସୀ ସାଜିଛନ୍ତି। ଏଭଳିସ୍ଥିତିରେ ଆର୍‌ପିଡିଏସି ବୈଠକ ନ ବସିବା ପ୍ରଶାସନର କମ୍ପାନୀ ପ୍ରୀତି ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ସରକାରଙ୍କ ଗାଇଡ୍‌ଲାଇନ୍ ଅର୍ଥାତ୍ ୨୦୦୫ ବିସ୍ଥାପନ ନୀତି ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ। ଏହାକୁ କେହି ସଂଶୋଧନ କରିପାରିବେ ନାହିଁ। ଏଥିରେ ଆର୍‌ପିଡିଏସିର କୌଣସି କର୍ତ୍ତୃତ୍ୱ ନାହିଁ।

### ୩ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ କୃଷି ଯନ୍ତ୍ରାଂଶ ପ୍ରଦାନ

ବିଞ୍ଝାରପୁର,୧୦।୪(ଡି.ଏନ.ଏ.): ମହିଳାମାନଙ୍କର ସାମାଜିକ ଓ ଅର୍ଥିକ ବିକାଶ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଓ ପ୍ରୋତ୍ସାହନ ଅତ୍ୟନ୍ତ ପ୍ରଶଂସନୀୟ। ସଶକ୍ତନାରୀ ଶକ୍ତିର ଅଗ୍ରଗତିରେ ରାଜ୍ୟର ମଧ୍ୟ ବିକାଶ ସମ୍ଭବ। ତେଣୁ ମହିଳାଙ୍କ ବିକାଶକୁ ସରକାର ସବୁ କ୍ଷେତ୍ରରେ ଗୁରୁତ୍ୱ ଦେଇଆସୁଛନ୍ତି। ନାରୀମାନେ କୃଷିଠାରୁ ଆରମ୍ଭ କରି ଶିଳ୍ପ ପର୍ଯ୍ୟନ୍ତ ସବୁଠି ନିଜର ପାରଦର୍ଶିତା ଦେଖାଇ ପାରିଛନ୍ତି ବୋଲି ସୋମବାର ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ ବିଞ୍ଝାରପୁର ବ୍ଲକ କୃଷି ବିଭାଗରେ ଆୟୋଜିତ ଏକ ସଭାରେ ଯୋଗଦେଇ ଏହି ମତବ୍ୟକ୍ତ କରିଛନ୍ତି। ପଞ୍ଚାୟତ ସମିତି ଅଧ୍ୟକ୍ଷା ରଞ୍ଜିତା ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମନ୍ତ୍ରୀ ମଲ୍ଲିକଙ୍କ ସମେତ ବିଡିଓ ମିନତି ଜଗଦେବ, କୃଷି ଅଧିକାରୀ ସଞ୍ଜୀବ ସାମଲ, ହେମନ୍ତ କୁମାର ସାମଲ, ସୁନସେଫ ରଥ ପ୍ରମୁଖ ଯୋଗ ଦେଇଥିଲେ। ବିଞ୍ଝାରପୁର ବ୍ଲକର ବିଭିନ୍ନ ଅଞ୍ଚଳରୁ ଚାଷୀ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ଉପସ୍ଥିତ ଥିଲେ। ଅଧିକାରୀମାନେ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ସଭାରେ ବାଛୋଳ, ବିତନା ଓ ଉତ୍ତରକୂଳ ପଞ୍ଚାୟତର ଗୋଟିଏ ଲେଖାଏ ମହିଳା ସ୍ୱୟଂସହାୟକ ଗୋଷ୍ଠୀକୁ ଧାନ ଅମଳ ମେସିନ ପ୍ରଦାନ କରାଯାଇଥିଲା। ମନ୍ତ୍ରୀ ମଲ୍ଲିକ ଏହି କୃଷି ଯନ୍ତ୍ରାଂଶ ପ୍ରଦାନ କରିଥିଲେ। ଗ୍ରାମାଞ୍ଚଳରେ ଚାଷୀଙ୍କ ଧାନ ଅମଳ କ୍ଷେତ୍ରରେ ଏହି ଯନ୍ତ୍ରାଂଶ ସହାୟକ ହୋଇପାରିବେ ବୋଲି ମତପ୍ରକାଶ ପାଇଥିଲା।

# ୧୨ଦଫା ଦାବି ଉପରେ ଆଲୋଚନା



ବୈଠକରେ ଯୋଗଦେଇଥିବା ଭାଜପା ନେତା ଓ କର୍ମୀ।

**ମଣ୍ଡଳସ୍ତରୀୟ ଭାଜପା କାର୍ଯ୍ୟକାରିଣୀ ବୈଠକ**

ରସୁଲପୁର,୧୦।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ଅତଲାପୁର, ରାଜେନ୍ଦ୍ରପୁର, ପ୍ରଥମାଖଣ୍ଡି, ନରସିଂହପୁର, ମୁଗୁପାଳ, ରସୁଲପୁର ଓ ରାହାମ୍ବା ଆଦି ପଞ୍ଚାୟତକୁ ନେଇ ଗଠିତ ୩୫ନଂ. ଜୋନ୍(ଚନ୍ଦନେଶ୍ୱର ମଣ୍ଡଳ ଭାବରେ ନାମିତ)ରେ ଭାଜପା କାର୍ଯ୍ୟକାରିଣୀ ବୈଠକ ବରୀ ନିର୍ବାଚନମଣ୍ଡଳୀ ସଂଯୋଜକ ସୁରେଶ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରବି ନାରାୟଣ ବେହେରା, କୋରେଇର ଯୁବନେତା ବିଶ୍ୱଜିତ୍ ନାୟକ, ବରୀ ଭାଜପା ନେତା ଉମେଶ ଜେନା, ମହିଳାମୋର୍ଚ୍ଚା ଯୁବ ସଭାନେତ୍ରୀ ବବିତା ମଲିକ, ଜିଲା ସମ୍ପାଦକ ସୁଦୀପ୍ତ କୁମାର ପଣ୍ଡା, ବରୀ ସଂଯୋଜକ ରବୀନ୍ଦ୍ର ଜେନା ଓ ସ୍ୱଚ୍ଛଭାରତ ଜିଲା ସଂଯୋଜକ ପ୍ରଫୁଲ ଗିରି ପ୍ରମୁଖ ଯୋଗଦେଇ ସ୍ଥାନୀୟ ଅଞ୍ଚଳର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ମଣ୍ଡଳ ସଭାପତି ଲକ୍ଷ୍ମୀଧର ପତିଙ୍କ ଦ୍ୱାରା ଅନୁଷ୍ଠିତ ବୈଠକରେ ୧୨ଦଫା ସମ୍ବଳିତ ଦାବିପତ୍ର ଉପସ୍ଥାପନ କରାଯାଇଥିଲା। ଆବାସ ବଣ୍ଟନରେ ସ୍ୱଚ୍ଛତା, ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ କାରିତାରେ ଅହେତୁକ ବିଳମ୍ବ, କରଜଙ୍ଗାଠାରେ ବ୍ରାହ୍ମଣୀ ନଦୀରେ ସେତୁ ନିର୍ମାଣ, ୫-ଟି ଜରିଆରେ ରୂପାନ୍ତରଣ ବିଦ୍ୟାଳୟର ମରାମତିରେ ଦୁର୍ନୀତି, ରାଜେନ୍ଦ୍ରପୁରଠାରେ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ସ୍ଥାପନ, ବ୍ଲକ, ତହସିଲ, ଥାନା ଆଦି ସ୍ଥାନରେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ, ଗୋପାଳପୁରଠାରେ ବୁଣାକାରଙ୍କ ପାଇଁ ଏକ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ଭଳି କେତେକ ପ୍ରମୁଖ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ୨୦୨୪ ସାଧାରଣ ନିର୍ବାଚନପୂର୍ବରୁ ଦଳ କାର୍ଯ୍ୟକର୍ତ୍ତା ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ନିର୍ବାଚନରେ ଇସ୍ୟୁ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକର୍ତ୍ତା ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବା ଦିଗରେ ପ୍ରୟାସ କରିବାକୁ ପରାମର୍ଶ ଦିଆଯାଇଥିଲା। ଲକ୍ଷ୍ମୀଧର ପତି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଜିଲା ସମ୍ପାଦକ ମୁକୁନ୍ଦଦେବ ମହାନ୍ତି ଧନ୍ୟବାଦ ଦେଇଥିଲେ। ବୈଠକରେ ଜିଲାର ବିଭିନ୍ନମଣ୍ଡଳ ଓ ପଞ୍ଚାୟତସ୍ତରର ଶତାଧିକ କାର୍ଯ୍ୟକର୍ତ୍ତା ଅଂଶଗ୍ରହଣ କରିଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୫ ଗିରଫ

ଯାଜପୁର ରୋଡ୍,୧୦।୪(ଡି.ଏନ.ଏ.): ଯାଜପୁର ରୋଡ୍ ଆଦର୍ଶ ଥାନା ପୋଲିସ ସୋମବାର ସନ୍ଧ୍ୟାରେ ବ୍ୟାସନଗର ସହରସ୍ଥ ଡାକବଙ୍ଗଳା ଛକର ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉ କରିଛି। ଚଢ଼ାଉ ସମୟରେ ସେଠାରୁ ଜୁଆ ଖେଳରେ ବ୍ୟବହୃତ ସାମଗ୍ରୀ ସମେତ ନଗଦ ୭ ହଜାର ଟଙ୍କା ଜବତ କରାଯାଇଛି। ଏତଦ୍‌ବ୍ୟତୀତ ଏହି କାର୍ଯ୍ୟରେ ଲିପ୍ତ ଥିବା ଯାଜପୁର ଜିଲା କୋରେଇ ଥାନା ଏବଂ କଟକ ଜିଲାର ୫ ଜଣଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସେମାନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଥାନାଧିକାରୀ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ଗୋପବନ୍ଧୁ ଚୌଧୁରୀ କଲେଜ ପୂର୍ବତନ ଅଧ୍ୟକ୍ଷଙ୍କ ପରଲୋକ

ବରୀ,୧୦।୪(ଡି.ଏନ.ଏ.): ବରୀ ରାମଚନ୍ଦ୍ରପୁରସ୍ଥିତ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଓଝାଙ୍କ ସୋମବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା। ଦୀର୍ଘଦିନ ଧରି ସେ ରୋଗଗ୍ରସ୍ତ ଥିଲେ। ଅବସର ପରେ ସେ ସମାଜସେବା ଓ ରାଜନୀତି କ୍ଷେତ୍ରରେ ସକ୍ରିୟ ହୋଇଥିଲେ। ତାଙ୍କ ପରଲୋକ ଖବର ପ୍ରଚାରିତ ହେବାପରେ ବହୁ ଶିକ୍ଷାବିତ୍ ଓ ବିଭିନ୍ନ ରାଜନୈତିକ ଦଳର ବ୍ୟକ୍ତି ବିଶେଷ ତାଙ୍କ ବାସଭାନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ବିୟୋଗରେ ବରୀ ବିଧାୟିକା ସୁନନ୍ଦା ଦାସ, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ଗେଡ଼ି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ନୀଳମଣି ସାମଲ, ସେକ୍ ସଫିକ ଉଦ୍ଦିନ, ବିଷ୍ଣୁ ମିଶ୍ର, ପୂର୍ବତନ ସରପଞ୍ଚ ରମାକାନ୍ତ ମଲ୍ଲିକ ଓ ଅରବିନ୍ଦ ମହାନ୍ତି ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

### ହନୁମାନଜୀଉ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଚନ୍ଦ୍ରପୁର,୧୦।୪(ସ୍ୱ.ପ୍ର.): ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ କୃଷ୍ଣପୁରଶାସନଠାରେ ଶ୍ରୀହନୁମାନଜୀଉଙ୍କ ମନ୍ଦିରର ତୃତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ରବିବାର ପ୍ରାତଃ ସମୟରୁ କଳସ ଶୋଭାଯାତ୍ରା ପରେ ଯଜ୍ଞସ୍ଥଳରେ କଳସ ସ୍ଥାପନା, ସୂର୍ଯ୍ୟପୂଜା, ଗୋ ପୂଜା, ହୋମଯଜ୍ଞ ଆଦି କାର୍ଯ୍ୟ ସମାପନ ହୋଇଥିଲା। ପଣ୍ଡିତ ନାରାୟଣ ପତିଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ବିଭୂତି ଭୂଷଣ କର, ନନ୍ଦକିଶୋର ଦାଶ, ବିଷ୍ଣୁମୋହନ ପାଢ଼ୀ, ଶରତ ଚନ୍ଦ୍ର ପଣ୍ଡା ଯଜ୍ଞ କାର୍ଯ୍ୟ ସମ୍ପାଦନ କରିଥିଲେ। ଆଶୁତୋଷ ମିଶ୍ର ଏବଂ ତାଙ୍କ ସହଧର୍ମିଣୀ କର୍ତ୍ତା ଭାବେ ଯୋଗଦେଇଥିଲେ। ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଯୋଗଦେଇ ବିଭୁକୃପା ଲାଭ କରିଥିଲେ। ପ୍ରଶାନ୍ତ ଦାଶ, ସତ୍ୟଭୂଷଣ ମିଶ୍ର, ସୌଭାଗ୍ୟ ରଞ୍ଜନ ମିଶ୍ର, ଶାନ୍ତନୁ କୁମାର ମିଶ୍ର, ପ୍ରଶାନ୍ତ ସାହୁ, ଶରତ ଚନ୍ଦ୍ର ଶତପଥୀ, ଶଶି ଭୂଷଣ ମିଶ୍ର, ତୁଷାର ରଞ୍ଜନ ଜେନା, ଦେବାନନ୍ଦ ମିଶ୍ର, ସତ୍ୟରଞ୍ଜନ ଶତପଥୀ ଓ ଶ୍ରୀକାନ୍ତ ମିଶ୍ରଙ୍କ ସମେତ ପଞ୍ଚାୟତବାସୀ ଉତ୍ସବରେ ସହଯୋଗ କରିଥିଲେ।



ବାର୍ଷିକ ଉତ୍ସବରେ ଶ୍ରୀହନୁମାନଙ୍କ ପୂଜାର୍ଚ୍ଚନା ଚାଲିଛି।

### ୨ ବଖରା ଜଳିଗଲା

ଧର୍ମଶାଳା,୧୦।୪(ଡି.ଏନ.ଏ.): ଧର୍ମଶାଳା ତହସିଲ ଅନ୍ତର୍ଗତ କଣ୍ଟିଗାଡ଼ିଆ ପଞ୍ଚାୟତ ହରିଚନ୍ଦନପୁର ଗ୍ରାମରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ଯଦୁନାଥ ମଲିକଙ୍କ ୨ ବଖରା ଘର ଜଳି ପାଉଁଶ ହୋଇଯାଇଛି। ଖବର ପାଇ ଚଣ୍ଡିଖୋଲ ଦମକଳ ବାହିନୀ ଆସି ନିଆଁକୁ ଆୟତ କରିଥିଲେ। ହେଲେ ସେତେବେଳକୁ ସବୁ ଜଳି ଯାଇଥିଲା। ଅଗ୍ନିବିପନ୍ନ ଯଦୁନାଥ ଗରିବ ଶ୍ରେଣୀର ହୋଇଥିବାରୁ ତାଙ୍କୁ ଏକ ବିଜୁ ପକ୍କାଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ହେଲ୍ପିଂ ହ୍ୟାଣ୍ଡସ୍‌ର ବାର୍ଷିକୋତ୍ସବ

ରସୁଲପୁର,୧୦।୪(ଡି.ଏନ.ଏ.): ରସୁଲପୁର ବ୍ଲକ ଅନ୍ତର୍ଗତ ମୁଗୁପାଳ ପଞ୍ଚାୟତର ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ହେଲ୍ପିଂ ହ୍ୟାଣ୍ଡସ୍‌ର ତୃତୀୟ ବାର୍ଷିକୋତ୍ସବ ଅନୁଷ୍ଠାନ ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରସ୍ତରଶିଳ୍ପୀ ପଦ୍ମଶ୍ରୀ ପ୍ରଭାକର ମହାରଣା ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ବିଚାରପତି ଗୟାଧର ପଣ୍ଡା ଯୋଗଦେଇ ଯୁବକମାନଙ୍କ ଉତ୍ସର୍ଗୀକୃତ ସେବା ମନୋଭାବ ସମାଜରୁ ପତିତମାନଙ୍କୁ ଉଦ୍ଧାର କରିବାରେ ସହାୟକ ହୁଏ ବୋଲି ମତ ରଖିଥିଲେ। କରୋନା ମହାମାରୀ ସମୟରେ ଅନୁଷ୍ଠାନ ଗଢ଼ି ଉଠିବା ସହ ସମାଜର ବିଭିନ୍ନ ସେବାମୂଳକ କାର୍ଯ୍ୟରେ ନିୟୋଜିତ ହୋଇଥିବା ଘଟଣା ଅତ୍ୟନ୍ତ ପ୍ରେରଣାଦାୟୀ ବୋଲି ସେ କହିଥିଲେ।

ମୁଖ୍ୟବକ୍ତା ଭାବେ ସୁଦୂର କାଲିଫର୍ନିଆ ବିଶ୍ୱବିଦ୍ୟାଳୟ-ଆମେରିକାର ଅବସରପ୍ରାପ୍ତ ପ୍ରଧାପକ ସୌରେନ୍ଦ୍ର କୁମାର ମହାପାତ୍ର, ସମ୍ମାନିତ ଅତିଥି ବରିଷ୍ଠ ଆଇନଜୀବୀ ରାମଚନ୍ଦ୍ର ରାୟ, ଅବସରପ୍ରାପ୍ତ ଅଧ୍ୟକ୍ଷ ବିନୋଦ ବିହାରୀ ବିକ୍ରମ, ଛତିଆ ସେବା ଆଶ୍ରମର ପ୍ରତିଷ୍ଠାତା ସୁରେଶ ଚନ୍ଦ୍ର ବିଶ୍ୱାଳ, ସାମାଜିକକର୍ମୀ କୃଷକ ଲକ୍ଷ୍ମଣ ଦାଶ ଓ ମେନକା ପରିଡ଼ା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନ ଉପଦେଷ୍ଟା କାଳନ୍ଦୀ ଚରଣ କଣ୍ଡ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ସିଦ୍ଧାର୍ଥ ଶଙ୍କର ରଥ ମଞ୍ଚ ପରିଚାଳନା କରିଥିଲେ। ସମ୍ପାଦକ ସ୍ମିତିରଞ୍ଜନ ସାହୁ ଧନ୍ୟବାଦ ଦେଇଥିଲେ। ହେଲ୍ପିଂ ହ୍ୟାଣ୍ଡସ୍ ପକ୍ଷରୁ ଅତିଥିଙ୍କ ସହ ସମାଜର ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତାଲାଭ କରିଥିବା ୧୦୦ଜଣ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଉତ୍ସବରେ ଯୋଗଦେଇଥିବା ଅତିଥି ଓ ହେଲ୍ପିଂ ହ୍ୟାଣ୍ଡସ୍‌ର କର୍ମକର୍ତ୍ତା।

# ନଦୀବନ୍ଧ ସୁଦୃଢ଼ୀକରଣରେ ବାଧକ ଜବରଦଖଲ

**ସମୂହ ସ୍ୱାର୍ଥ ପାଇଁ ଲୋକଙ୍କୁ ବୁଝାଶୁଝା କଲେ ମନ୍ତ୍ରୀ**

ବିଞ୍ଝାରପୁର,୧୦।୪(ଡି.ଏନ.ଏ.): ବିଞ୍ଝାରପୁର ବ୍ଲକ ଦେଇ ପ୍ରବାହିତ ହେଉଥିବା ଖରସ୍ରୋତା ନଦୀର ବିଞ୍ଝାରପୁର ବାଣପୁର ସେତୁ ନିକଟରୁ ମଲିପୁର ପର୍ଯ୍ୟନ୍ତ ବନ୍ଧ ଦୁର୍ବଳ ସ୍ଥିତିରେ ରହିଛି। ପ୍ରତିବର୍ଷ ବନ୍ୟା ଆସିଲେ ଏହି ବନ୍ଧ ଲୋକଙ୍କୁ ଭୟଭୀତ କରାଏ। ଏକାଧିକ ଥର ଏହି ବନ୍ଧରେ ବନ୍ୟା ସମୟରେ ଘାଇ ସୃଷ୍ଟି ହେବାର ନଜିର ରହିଛି। ତେଣୁ ଏହି ବନ୍ଧ ସୁଦୃଢ଼ୀକରଣ ପାଇଁ ସାଧାରଣରେ ବାରମ୍ବାର ଦାବି ହୋଇ ଆସୁଥିଲେ ମଧ୍ୟ ବନ୍ଧ ଉପରେ କେତେକ ସ୍ଥାନରେ ଜବରଦଖଲ ପାଇଁ ସୁଦୃଢ଼ୀକରଣ କାର୍ଯ୍ୟ ସମ୍ଭବ ହେଉନାହିଁ।



ମନ୍ତ୍ରୀ ଓ ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ଆଲୋଚନା କରୁଛନ୍ତି।

ଏକଥା ଜାଣିବା ପରେ ସୋମବାର ବିଞ୍ଝାରପୁର ବିଧାୟିକା ତଥା ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରଶାସନିକ ଅଧିକାରୀଙ୍କ ସହିତ ମଲିପୁରରେ ପହଞ୍ଚି ଏହି ଅଣଓସାରିଆ ନଦୀବନ୍ଧ ପରିଦର୍ଶନ କରିବା ସହିତ ସମୂହ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ବନ୍ଧରେ ଜବରଦଖଲରେ ଥିବା ବ୍ୟକ୍ତିଙ୍କୁ ବୁଝାଶୁଝା କରିଥିଲେ। ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ ଜଳସମ୍ପଦ ବିଭାଗ ଏସଡିଓ ଗୋବିନ୍ଦ ଆଚାର୍ଯ୍ୟ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିକାରୀ ସିଦ୍ଧାର୍ଥ ଜେନା, ଚନ୍ଦ୍ରମୁଁ ସରପଞ୍ଚ ମାନସ ଜେନା ପ୍ରମୁଖଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ନଦୀବନ୍ଧରେ ଘର କରି ରହିଥିବା ପରିବାରକୁ ମନ୍ତ୍ରୀ ଅନ୍ୟତ୍ର ଥଇଥାନ କରିବାର ବ୍ୟବସ୍ଥା କରାଇବା ପାଇଁ ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଅନ୍ୟପକ୍ଷରେ ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ ବ୍ୟବସ୍ଥା କରାଗଲେ ସେମାନେ ସ୍ଥାନ ଛାଡ଼ିଦେବେ ବୋଲି କହିଥିଲେ।

**ସଂକ୍ଷେପରେ**

## ପ୍ରଧାନଶିକ୍ଷକଙ୍କ ଶ୍ରାଦ୍ଧବାର୍ଷିକୀ

**ନୟାଗଡ ଅଫିସ,୧୦।୪:** ଗୋଡିପଡା ନିକଟସ୍ଥ ଡିମଶର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ବାସୁଦେବ ବାହିନିପତିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକି ଅନୁଷ୍ଠିତ ହୋଇଯାଇଛି । ବାସୁଦେବ ବାହିନିପତି ସ୍ମୃତି କମିଟି ସଭାପତି ସୂର୍ଯ୍ୟମଣି ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ଡିମିଶର ପ୍ରଧାନଶିକ୍ଷୟିତ୍ରୀ ଜୟନ୍ତୀ ମହାପାତ୍ର, ଶିକ୍ଷାବିତ୍ ବ୍ରଜବନ୍ଧୁ ଦାସ, ଡିମିଶର ସରପଞ୍ଚ ଦିଗାମ୍ବର ସାହୁ, ଗ୍ରାମ ସଭାପତି, ସ୍କୁଲ ପରିଚାଳନା କମିଟି ସଭାପତି ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ ।

## ହତ୍ୟା ଉଦ୍ୟମ ମାମଲା, ୨ ମହିଳା ଗଲେ ଜେଲ

**ଦିଗପହଣ୍ଡି,୧୦।୪(ଡି.ଏନ.ଏ.):** ଦିଗପହଣ୍ଡି ଥାନା ଅନ୍ତର୍ଗତ ଡେଙ୍ଗାଓସ୍ତା ବଜାରରେ ବବି ରାଉଳଙ୍କୁ ହତ୍ୟା ଉଦ୍ୟମ ମାମଲାରେ ପୋଲିସ ଆକ୍ରମଣକାରୀ ୨ ମହିଳାଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଛଣମେରି ଗ୍ରାମ ବଡସାହିର ବାସନ୍ତୀ ରାଉଲ ଏବଂ ଫାସିଗୁଡା ଗ୍ରାମ ଢେପସାହିର ସୁଦେଷ୍ଣା ନାୟକ। ଉଭୟଙ୍କୁ ସୋମବାର ଦିଗପହଣ୍ଡି କୋର୍ଟ ଚାଲାଣ କରାଯିବା ପରେ ଥାନା ମାମଲା ନଂ.୧୨୫/୨୩ ଅନୁଯାୟୀ ଜାମିନ ଆବେଦନ ଖାରଜ ହୋଇଯିବାରୁ ଦୁହିଁଙ୍କୁ ଦିଗପହଣ୍ଡି ସବ୍ ଜେଲକୁ ପଠାଯାଇଛି। ମାର୍ଚ୍ଚ ୨୭ରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ବବି ଓ ବାସନ୍ତୀ ୨ ପରିବାର ମଧରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଏଥିରେ ବବି ଏବଂ ବାସନ୍ତୀ ଗୁରୁତର ହୋଇଥିଲେ। ପୂର୍ବରୁ ବାସନ୍ତୀଙ୍କ ଏତଲା ଭିତ୍ତିରେ ବବି ରାଉଳଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବେଳେ ସୋମବାର ବବିଙ୍କ ଏତଲା ଭିତ୍ତିରେ ବାସନ୍ତୀ ଓ ସୁଦେଷ୍ଣାଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜିଲାପାଳଙ୍କ ନିକଟରେ ୪୩ ଅଭିଯୋଗ ପଞ୍ଜୀକୃତ

**ଜି.ଉଦୟଗିରି,୧୦।୪(ଡି.ଏନ.ଏ.):** ଜି.ଉଦୟଗିରି ବ୍ଲକ ସଭାଗୃହରେ ସୋମବାର ଜିଲାପାଳ ଆଶିଷ ଇଶ୍ୱର ପାଟିଲ ଜନସାଧାରଣଙ୍କ ଅଭିଯୋଗ ଶୁଣିଛନ୍ତି। ଜିଲାପାଳଙ୍କ ନିକଟରେ ଅଭିଯୋଗ କରିବାକୁ ବିଭିନ୍ନ ପଞ୍ଚାୟତରୁ ୪୩ ଅଭିଯୋଗ ପଞ୍ଜିକୃତ ହୋଇଥିଲା। ବିଶେଷ କରି ଜମିଜମା, ଗମନାଗମନ, ଶିକ୍ଷା, ଆବାସ ଯୋଜନା, ପାନୀୟଜଳ ସମ୍ପର୍କୀୟ ଅଭିଯୋଗ ଆସିଥିଲା। ଜିଲା ଉନ୍ନୟନ ଅଧିକାରୀ ବିଶ୍ୱରଞ୍ଜନ ନାୟକ ମଧ ଅଭିଯୋଗ ଶୁଣାଳୀ ବେଳେ ଉପସ୍ଥିତ ଥିଲେ। ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଜି. ଉଦୟଗିରି ତହସିଲଦାର ଶୁଭ୍ରାଞ୍ଜଳି ପ୍ରଧାନ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଇତିଶ୍ରୀ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଉପାଧକ୍ଷ ଏନ. ଲୁକ ପ୍ରମୁଖ ଉପସ୍ଥିତ ଥିଲେ।

## ଗଞ୍ଜେଇ ଚାଲାଣ ବେଳେ ଅଭିଯୁକ୍ତ ଧରାପଡ଼ିଲେ

**ଦାରିଙ୍ଗବାଡି,୧୦।୪(ଡି.ଏନ.ଏ.):** ଦାରିଙ୍ଗବାଡି ଥାନା ଗଞ୍ଜେଇ ଚୋରା ଚାଲାଣ ବେଳେ ପୋଲିସ ପିକ ଅପ ସହିତ ୨୨କିଲୋ ୩୫୦ଗ୍ରାମ ଗଞ୍ଜେଇ ଜବତ କରିଛି। ଏଥିରେ ସମ୍ପୃକ୍ତି ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ ବାଲିଗୁଡା ଥାନା ସାଲାକିଆ ଗ୍ରାମର ଦୀପକ ଦିଗାଲ। ଦୀପକ ଏକ ବୋଲେରୋରେ ବାଲିଗୁଡା ଅଞ୍ଚଳରୁ ଦାରିଙ୍ଗବାଡି ଦେଇ ବ୍ରହ୍ମପୁର ପଟେ ଗଞ୍ଜେଇ ନେଉଥିବା ପୋଲିସ ଖବର ପାଇ ଗାଡିଟିକୁ ଅଟକାଇ ଯାଞ୍ଚ କରିଥିଲା।

# ଦଣ୍ଡ ଠାକୁରଙ୍କ ମେଳଣରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଶରଣକୁଳ,୧୦।୪ (ଡି.ଏନ.ଏ.)**


ଦଣ୍ଡ ଠାକୁରଙ୍କୁ ପୂଜାର୍ଚ୍ଚନା କରାଯାଉଛି ।

ଶରଣକୁଳ ଭିକାରିପଡ଼ା ଗ୍ରାମରେ ସୋମବାର ପଞ୍ଚଦଣ୍ଡଙ୍କ ମହାମିଳନ ଅନୁଷ୍ଠିତ ହୋଇଥିଲା । ଦଣ୍ଡଯାତ୍ରା ଚୈତ୍ରମାସ ସଂକ୍ରାନ୍ତିଠାରୁ ଆରମ୍ଭ ହୋଇ ବୈଶାଖ ମାସ ପଣା ସଂକ୍ରାନ୍ତି ପର୍ଯ୍ୟନ୍ତ ଚାଲିଥାଏ । ଶରଣକୁଳ ଆଖପାଖ ବିଭିନ୍ନ ଗ୍ରାମରେ ଦଣ୍ଡଯାତ୍ରା ହେବା ପରେ ସୋମବାର ଭିକାରିପଡ଼ା ହରିହରପୁର ଶାସନରେ ପାଞ୍ଚ ଗ୍ରାମରୁ ଆସିଥିବା ଦଣ୍ଡ ଠାକୁରଙ୍କ ମହାମିଳନ ହୋଇଥିଲା । ଏହି ମହାମିଳନ କାହିଁ କେଉଁ କାଳରୁ ଚାଲି ଆସୁଛି । ଦଣ୍ଡ ପର୍ବରେ ପ୍ରଥମେ ଦଣ୍ଡ ବ୍ରତଧାରୀ ଦଣ୍ଡୁଆମାନେ ମାନସିକ ରଖି ଦଣ୍ଡଯାତ୍ରାରେ ଭାଗ ନେଇଥାନ୍ତି । ଦଣ୍ଡଯାତ୍ରା ପୂର୍ବରୁ ଦଣ୍ଡୁଆମାନେ ଦଣ୍ଡଯାତ୍ରା ପାଇଁ ପାଣିତୋଳିଥାନ୍ତି । ପାଣିତୋଳିବା ପରେ ଗ୍ରାମରେ ଦଣ୍ଡ ଠାକୁର ବିଜେ ହୋଇଥାନ୍ତି । ବିଭିନ୍ନ ଗ୍ରାମ ପରିକ୍ରମା କରି ଦ୍ୱାର ଭୋଗ ଖାଇଥାନ୍ତି। ଦଣ୍ଡୁଆମାନେ ଦିନଯାକ ଉପବାସ ରହି ସନ୍ଧ୍ୟାରେ ପଣା ପିଇ ରହିଥାନ୍ତି। ସେମାନେ ନିର୍ଜନ ରାତିରେ ବିଭିନ୍ନ ଗ୍ରାମ ପରିକ୍ରମା କରି ଦଣ୍ଡନାଚ କରିବା ପାଇଁ ଯାଇଥାନ୍ତି । ପୁରୁଷମାନେ ନାରୀ ରୂପ ଧାରଣ କରି ବିଭିନ୍ନ ଅଭିନୟରେ ଭାଗ ନେଇଥାନ୍ତି। ମେରୁଦିନ ହାଁଡୁଲା ଖେଳି ତା ପରଦିନ ସଂକ୍ରାନ୍ତିରେ ନିଆଁଗାଡ଼ରେ ଚାଲି ଦଣ୍ଡଯାତ୍ରା ଶେଷ କରିଥାନ୍ତି।

# ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ ବିଫଳ, ଜଣେ ଅଟକ

**ଭାପୁର,୧୦।୪ (ଡି.ଏନ.ଏ.)**



ଭଙ୍ଗାଯାଇଥିବା ଏଟିଏମ୍ ।

ନୟାଗଡ଼ ଜିଲା ଫତେଗଡ଼ ଥାନା ଅନ୍ତର୍ଗତ ଭାପୁର ବଜାର ସଦରମହକୁମା ପୁରୀ ଗ୍ରାମ୍ୟ ବ୍ୟାଙ୍କ ନିକଟସ୍ଥ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଏଟିଏମ୍‌କୁ ଦୁର୍ବୃତ୍ତମାନେ ଭାଙ୍ଗି ଟଙ୍କା ଲୁଟ ପାଇଁ ଉଦ୍ୟମ କରିଥିଲେ। ହେଲେ ଲୁଟ୍ ଉଦ୍ୟମ ବିଫଳ ହୋଇଛି। ଜଣେ ଲୁଟେରାଙ୍କୁ ପୋଲିସ ଅଟକ ରଖି ତଦନ୍ତ ଆରମ୍ଭ କରିଛି । ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଥିଲା। କେତେଜଣ ଯୁବକ ଏଟିଏମ୍ ଭାଙ୍ଗୁଥିବା ସମୟରେ କେହି ଜଣେ ବ୍ୟକ୍ତି ଫତେଗଡ଼ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡାଙ୍କୁ ଫୋନ କରି ଜଣାଇଥିଲେ। ଫତେଗଡ଼ ଫାଣ୍ଡି ଅଧିକାରୀ ବିନୟ କୁମାର ପରିଡା ସେହି ସମୟରେ ପାଟ୍ରୋଲିଂ କରୁଥିବା ସମୟରେ ଫତେଗଡ଼ ଆଇଆଇସିଙ୍କଠାରୁ ଖବର ପାଇଁ ଘଟଣାସ୍ଥଳକୁ ଯାଇଥିଲେ। ସେହି ସମୟରେ ଫତେଗଡ଼ ଥାନାର ପାଟ୍ରୋଲିଂ ଗାଡ଼ି ମଧ ସେଠାରେ ପହଞ୍ଚି ଥିଲା। ପୋଲିସକୁ ଦେଖି ଯୁବକମାନେ ସେଠାରୁ ଫେରାର ହୋଇଯାଇଥିଲେ । ହେଲେ ଜଣେ ଲୁଟେରାଙ୍କୁ ଫତେଗଡ଼ ପୋଲିସ କାବୁ କରି ଅଧିକ ତଦନ୍ତ ଚାଲୁ ରଖିଛି । ସେହି ସ୍ଥାନରୁ ଗୋଟିଏ ମୋପେଡ (ନଂ.ଓଡି ୦୨ବିଏସ୮୬୪୧) ଜବତ କରାଯାଇଛି । ପ୍ରାଥମିକ ତଦନ୍ତରୁ ଏଟିଏମରୁ ଟଙ୍କା ଚୋରି ହୋଇ ନ ଥିବା ବ୍ୟାଙ୍କର ଜଣେ କର୍ମଚାରୀ କହିଛନ୍ତି। ହାର୍ଡ ଡିକ୍ସ ଯାଞ୍ଚ କଲାପରେ ସତ୍ୟ ପଦାକୁ ଆସିବ ବୋଲି ସେ ସୂଚନା ଦେଇଛନ୍ତି। ଫତେଗଡ ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ପଣ୍ଡା କହିଛନ୍ତି ଆମେ ଜଣକୁ ସନ୍ଦେହରେ ଅଟକ ରଖିଛୁ। ସିସିଟିଭି କ୍ୟାମେରାରେ ଦୁଇଜଣ ଯୁବକ ଏଟିଏମ ଭାଙ୍ଗୁଥିବା ଫୁଟେଜ୍ ରହିଛି।

# କୁମ୍ଭକର୍ଣ୍ଣ ବଧ, ନାଗଫାଶ ବନ୍ଧନ


କୁମ୍ଭକର୍ଣ୍ଣ ନିଦରୁ ଉଠିବା ପରେ ତାଙ୍କୁ ଖାଇବାକୁ ଦିଆଯାଉଛି ।

**ଦଶପଲ୍ଲା,୧୦।୪ (ଡି.ଏନ.ଏ.)**

**ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା**

ଦଶପଲ୍ଲାରେ ଚାଲିଥିବା ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରାର ସୋମବାର ଦ୍ୱାଦଶ ଦିବସରେ କୁମ୍ଭକର୍ଣ୍ଣ ବଧ ଓ ନାଗ ଫାଶ ବନ୍ଧନ ମଞ୍ଚସ୍ଥ ହୋଇଥିଲା । ପୂର୍ବାହ୍ନରେ ଶ୍ରୀ ରଘୁନାଥ ଜୀଉ ଏବଂ ମହାବୀର ଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ରାତିରେ ମନ୍ଦିର ସମ୍ମୁଖ ରଙ୍ଗମଞ୍ଚରେ ରାମଲୀଳା ମଞ୍ଚସ୍ଥ ହୋଇଥିଲା , ଶ୍ରୀରାମଚନ୍ଦ୍ର ଶାନ୍ତି ବାର୍ତ୍ତା ଦେଇ ଅଙ୍ଗଦଙ୍କୁ ରାବଣଙ୍କ ପାଖକୁ ପ୍ରେରଣ କରିଥିଲେ । ଏହାର ପରବର୍ତ୍ତୀ ଘଟଣାଗୁଡ଼ିକ ଯାତ୍ରାରେ ନିଖୁଣ ଭାବେ ବର୍ଣ୍ଣନା କରାଯାଇଥିଲା। ଶ୍ରୀରାମଚନ୍ଦ୍ରଙ୍କ ଶାନ୍ତି ବାର୍ତ୍ତାକୁ ଲଙ୍କାର ରାଜା ରାବଣ ଭୃକ୍ଷେପ କରି ନ ଥିଲେ । ଏଣୁ ଯୁବରାଜ ଅଙ୍ଗଦ ଶ୍ରୀରାମଙ୍କ ପାଖରେ ପହଞ୍ଚି ଥିଲେ। ଏହାପରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଏଥିରେ ବହୁ ଅସୁର ନିଧନ ହୋଇଥିଲେ। ଇନ୍ଦ୍ରଜିତ ମଧ ବ୍ରହ୍ମାସ୍ତ୍ର ପ୍ରୟୋଗ କରି ଲକ୍ଷ୍ମଣଙ୍କୁ ଅଚେତ କରିଥିଲେ। ରାବଣଙ୍କ ମାୟାବୀମାନେ ରାମ ଲକ୍ଷ୍ମଣଙ୍କ ମୁଣ୍ଡ ନେଇ ସୀତାଙ୍କୁ ଦେଖାଥିଲେ । ରାମଚନ୍ଦ୍ର ସେନା ଲଙ୍କା ଘେରାଉ କରିବା ସହ କ୍ରମଶଃ ରାକ୍ଷସ ସେନା ଦୁର୍ବଳ ହେବାରୁ ରାବଣ ନିର୍ଦ୍ଦେଶରେ କୁମ୍ଭକର୍ଣ୍ଣଙ୍କ ନିଦ୍ରା ଭଗ୍ନ କରାଯାଇଥିଲା । ଯୁଦ୍ଧରେ ନଳ, ନୀଳ ଆଦିଙ୍କୁ ପରାସ୍ତ କରି ସୁଗ୍ରୀବଙ୍କୁ କାଖତଳେ ଚାପି ଲଙ୍କା ଫେରୁଥିବା ବେଳେ ସୁଗ୍ରୀବ ଖସିଯାଇ କୁମ୍ଭକର୍ଣ୍ଣଙ୍କ ନାସା ଓ କର୍ଣ୍ଣ ଉପାଡ଼ି ଦେଇଥିଲେ । ଫଳରେ କ୍ରୋଧ ଜର୍ଜରିତ କୁମ୍ଭକର୍ଣ୍ଣ ପୁନଶ୍ଚ ଯୁଦ୍ଧକୁ ଆସି ବହୁ ସୈନ୍ୟଙ୍କୁ ନିଧନ କରିବା ପରେ ଶ୍ରୀରାମଚନ୍ଦ୍ରଙ୍କ ବାଣରେ ସ୍ୱର୍ଗଗତି ପ୍ରାପ୍ତ ହୋଇଥିଲେ । ଏହି ଲଙ୍କାପୋଡ଼ି ଯାତ୍ରା ମୁଖ୍ୟ ଉତ୍ସବ ରାବଣ ବଧ ବା ଲଙ୍କାପୋଡ଼ି ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହେବ।

## ବଜ୍ରପାତରେ ଛେଳି ଚରାଳି ମୃତ

**ଦିଗପହଣ୍ଡି,୧୦।୪(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ଖମ୍ବାରୀ ଗାଁ ପଞ୍ଚାୟତ ଢେପ ଶଙ୍କର ଖାଲି ଗାଁ ନିକଟ ଚାଷଜମିରେ ସୋମବାର ବଜ୍ରପାତ ହେବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗଡ଼ ସାମନ୍ତରାପୁର ଗ୍ରାମର ଆଗିଲି ଗୌଡ। ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଆଗିଲି ଗୌଡ଼ ସାମନ୍ତରାପୁର – ଢେପ ଶଙ୍କରଖାଳି ଗ୍ରାମର ରାସ୍ତା ପାର୍ଶ୍ୱରେ ରହିଥିବା ଚାଷଜମିକୁ ଛେଳି ଚଳାଇବାକୁ ଯାଇଥିଲେ। ସେଠାରେ ବଜ୍ରପାତ ପ୍ରଭାବରେ ଛେଳି ଚରାଉଥିବା ଆଗିଲି ଟଳି ପଡ଼ିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଚିତ୍ରସେନ ଗୌଡ, ପରିବାର ସଦସ୍ୟ ଓ ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କେ. ନୂଆଗାଁ ଥାନା ପୋଲିସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷରେ ମୃତକଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ଚିତ୍ରକରଙ୍କ କାନ୍‌ଭାସରେ ଲଙ୍କାପୋଡ଼ି



ଜ୍ଞାନଙ୍କ ଚିତ୍ରକଳା ।

**ଦଶପଲ୍ଲା,୧୦।୪ (ଡି.ଏନ.ଏ.)**

ପ୍ରସିଦ୍ଧ ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରାର ସଂକ୍ଷିପ୍ତ ସଂସ୍କରଣକୁ ନିଜ ତୁଳୀରେ ଆଙ୍କି ଚର୍ଚ୍ଚାକୁ ଆସିଛନ୍ତି ଜଣେ ଯୁବକ। ତାଙ୍କ ନାମ ଜ୍ଞାନରଞ୍ଜନ ମହାପାତ୍ର, ଘର ସ୍ଥାନୀୟ ମାଳିସାହି ଗ୍ରାମରେ। ଲଙ୍କାପୋଡି ଯାତ୍ରା ପାଇଁ ସାରା ଦଶପଲ୍ଲା ଉତ୍ସବ ମୁଖର ହୋଇପଡିଥିବା ବେଳେ ଜ୍ଞାନଙ୍କ ଚିତ୍ରକଳା ବେଶ ଲୋକଦୃତ ହୋଇପାରିଛି। ଦୀର୍ଘ ୧୫ ଦିନ ଧରି ନିଷ୍ଠାର ସହ ଶୁଦ୍ଧ ସାକାହାରୀ ଭୋଜନ କରି ଜ୍ଞାନ ଏହି ଚିତ୍ର ଆଙ୍କିଛନ୍ତି। ଏହି ଚିତ୍ର ଆଙ୍କିବା ପାଇଁ ହାଡ଼ିବନ୍ଧୁ ମହାକୁଡ଼, ବ୍ରଜେନ୍ଦ୍ର ପ୍ରସାଦ ଧଳ ପ୍ରେରଣା ଦେଇଥିବା ବେଳେ ନିଜର ଚିତ୍ର ଗୁରୁ ରାଜେଶ ମହାରଣା ଓ ପଞ୍ଚାନନ ବେହେରାଙ୍କ ତତ୍ତ୍ୱାବଧାନରେ ଜ୍ଞାନ ଏହି ଚିତ୍ର ଆଙ୍କିବାରେ ସଫଳ ହୋଇଛନ୍ତି। କାନଭାସ୍ ଉପରେ ଅଙ୍କାଯାଇଥିବା ଏହି ଚିତ୍ରର ଓସାର ୨୪ ଇଞ୍ଚ ହୋଇଥିବା ବେଳେ ଲମ୍ବ ୩୪ ଇଞ୍ଚ । ଏଥିରେ ରାମଲୀଳା ଦଶପଲ୍ଲା ରାଜା ତ୍ରିଲୋଚନ ଦେବଙ୍କ ସହ ଦଶପଲ୍ଲା ରାଜବାଟି, ଲଙ୍କପୋଡ଼ିର ଆକର୍ଷଣ, ରାବଣ, ପୁଷ୍ପକ ବିମାନ, ଶ୍ରୀରାମ, ହନୁମାନ ସହ ରାମାୟଣ ନାଟକରେ ବ୍ୟବହାର ହେଉଥିବା କାଠ ନିର୍ମିତ ବିଭିନ୍ନ ମୁଖାର ଚିତ୍ର କରିବାରେ ସଫଳ ହୋଇଛନ୍ତି। ଜ୍ଞାନ ପୂର୍ବରୁ ଦଶପଲ୍ଲା ଶ୍ରୀରାମଲୀଳାରେ ଅଭିନୟ କରୁଥିଲେ। ଏବେ ଦଶପଲ୍ଲାର ଏକ ଦୋକାନରେ କାମ କରିବା ସହ ଏଭଳି ଚିତ୍ର ଆଙ୍କି ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିବାରେ ସଫଳ ହୋଇଛନ୍ତି।

# ହୋମିଓପ୍ୟାଥିକ୍ ଚିକିତ୍ସା ଉପରେ ଗୁରୁତ୍ୱ

**ନୟାଗଡ଼ ଅଫିସ,୧୦।୪**


ଅତିଥି ଜଣେ ହୋମିଓପ୍ୟାଥି ଡାକ୍ତରଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

ନୟାଗଡ଼ ନିକଟସ୍ଥ ମକୁରିଆପଲ୍ଲୀରେ ସୋମବାର ଘରୋଇ ହୋମିଓପାଥିକ ଚିକିତ୍ସକ ସଂଘ ନୟାଗଡ଼ ଜିଲା ତରଫରୁ ଡ.ସାମୁଏଲ ହାନିମାନଙ୍କ ୨୬୯ ତମ ଜୟନ୍ତୀ ପାଳିତ ହୋଇଯାଇଛି । ଅନୁଷ୍ଠାନର ଜିଲା ସଭାପତି ପିତାମ୍ବର ଡାକୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ଡ୍ରଗ୍‌ସ ଇନ୍ସପେକ୍ଟର ପ୍ରିୟଙ୍କା ଚକ୍ରବର୍ତ୍ତୀ ଓ ସମ୍ମାନିତ ଅତିଥି ଭାବେ ନୟାଗଡ଼ର ଜଣାଶୁଣା ହୋମିଓପାଥିକ ଡାକ୍ତର ସୁରେଶ ଚନ୍ଦ୍ର ମହାରଣା ଏବଂ ଦେବରାଜ ଦାସ ଯୋଗଦାନ କରିଥିଲେ । ସମ୍ପାଦକ ବାଳକୃଷ୍ଣ ନନ୍ଦ ବିବରଣୀ ପାଠ କରିଥିଲେ । ମୁଖ୍ୟଅତିଥି ପ୍ରିୟଙ୍କା ଚକ୍ରବର୍ତ୍ତୀ ହାନିମାନଙ୍କ ଜୀବନୀ ଉପରେ ଆଲୋକପାତ କରିବା ସହିତ ଜିଲାର ସମସ୍ତ ଘରୋଇ ଚିକିତ୍ସକମାନଙ୍କୁ ସରକାରୀ ନିୟମକୁ ମାନି ଚଳିବା ପାଇଁ ପରାମର୍ଶ ଦେଇଥିଲେ । ସେହିପରି ସମ୍ମାନିତ ଅତିଥି ଡାକ୍ତର ସୁରେଶ ଚନ୍ଦ୍ର ମହାରଣା ହୋମିଓପାଥିକ ଚିକିତ୍ସା ପଦ୍ଧତି ଉପରେ ଆଲୋଚନା କରିବା ସହିତ ହାନିମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ । ସେହିପରି ସମ୍ମାନିତ ଅତିଥି ଦେବରାଜ ଦାସ ତାଙ୍କ ବକ୍ତବ୍ୟରେ ହୋମିଓପାଥିକ ଚିକିତ୍ସାର ବିକାଶ ସହିତ ଏହାର ପ୍ରଚାର ପ୍ରସାର ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି କହିଥିଲେ । ଉପସଭାପତି ରମେଶ ଚନ୍ଦ୍ର ସାହୁ ହୋମିଓପାଥିକ ଚିକିତ୍ସା ଏବଂ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ଜିଲାର ସମସ୍ତ ହୋମିଓପାଥିକ ଚିକିତ୍ସା ଯୋଗ ଦେଇଥିଲେ । ଜିଲାର ୮ ବ୍ଲକର ବ୍ଲକ ସଂଯୋଜକ ସମେତ ରବିନ୍ଦ୍ର କୁମାର ମହାପାତ୍ର , ରାଜେଶ କୁମାର ସାହୁ, ବିପିନି ବିହାରୀ ପଣ୍ଡା, ସୁଧାଂଶୁ ଶେଖର ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପ୍ରଦୀପ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ଭଞ୍ଜନଗରରୁ ପୁରୀ ଗଲା ଧଉରା କାଠ

**ଭଞ୍ଜନଗର,୧୦।୪(ଡି.ଏନ.ଏ.)**



ରଥ କାଠ ଭର୍ତ୍ତି ଟ୍ରକକୁ ଭଞ୍ଜନଗରରେ ସ୍ୱାଗତ କରାଯାଉଛି ।

ପ୍ରଥମ ଥର ପାଇଁ ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ମୁଜାଗଡ଼ ରେଞ୍ଜ ବାଇବାଲି ଜଙ୍ଗଲରୁ ୪୦ ଫୁଟ ଲମ୍ବର ୨୦ ଖଣ୍ଡ ଢଉରା କାଠ ପୁରୀ ରଥଯାତ୍ରା ପାଇଁ ପଠାଯାଇଛି। ଆଉ କିଛି ଦିନ ପରେ କେନ୍ଦ୍ରୀୟ ବନାଞ୍ଚଳ ପୁରୁଣାପାଣିରୁ ମଧ ପ୍ରଥମ ଥର ପାଇଁ ପୁରୀ ରଥଯାତ୍ରା ପାଇଁ ଫାଶି କାଠ ଯିବ । କାଠ କାଟି ଜଙ୍ଗଲରେ ଗଚ୍ଛିତ ରଖାଯାଇଛି । ଏଥିସହ ତାରସି ରେଞ୍ଜରୁ ପୂର୍ବରୁ ଦୁଇଥର ପୁରୀ ରଥଯାତ୍ରା ପାଇଁ ଫାଶି କାଠ ପଠାଯାଇଥିବା ବେଳେ ଚଳିତ ବର୍ଷ ମଧ ଫାଶି କାଠ ପଠାଯିବ। କାଠ କାଟି ଜଙ୍ଗଲରେ ରଖାଯାଇଛି। ବାଇବାଲି ଜଙ୍ଗଲରୁ ଆଜି ଏକ ବିରାଟ ଟ୍ରକରେ କାଠ ଗୁଡିକୁ ନିଆଯିବ ସମୟରେ ବାଟରେ ବିଭିନ୍ନ ସ୍ଥାନରେ ରଥ କାଠକୁ ଲୋକେ ପୂଜାର୍ଚ୍ଚନା କରିବା ସହ ସ୍ୱାଗତ କରିଥିଲେ । ହୁଳହୁଳି ଏବଂ ଢୋଲ, ମୃଦଙ୍ଗର ତାଳେତାଳେ ରଥ କାଠ ଭର୍ତ୍ତି ହୋଇଥିବା ଟ୍ରକକୁ ଲୋକେ ପାଛୋଟି ନେଇଥିଲେ। ଏହି ସମୟରେ କେନ୍ଦ୍ରୀୟ ବନାଞ୍ଚଳ ଅଧିକାରୀ କୁମର ବେହେରା, ମୁଜାଗଡ଼ ରେଞ୍ଜର ବିଦ୍ୟାଧର ସାହୁ, ବନପାଳ ବଂଶୀଧର ବିଶୋଇ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଶୂଳ ପାଣି ସତପଥୀ, ଏମ୍‌ପି ପ୍ରତିନିଧି ପଞ୍ଚାନନ ପାଳ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ।

# ଦାବି ପୂରଣ ନ ହେଲେ ୧୭ରୁ ଆନ୍ଦୋଳନ

**ଭାପୁର,୧୦।୪ (ଡି.ଏନ.ଏ.)**


ତହସିଲଦାରଙ୍କୁ ଦାବିପତ୍ର ଦେବାକୁ ଆସିଥିବା କ୍ରିୟାନୁଷ୍ଠାନ କମିଟିର କର୍ମକର୍ତ୍ତା ।

ନୟାଗଡ଼ ଜିଲା ଭାପୁର ବ୍ଲକରେ ବିଭିନ୍ନ ଦାବି ନେଇ ସୋମବାର ଭାପୁର କ୍ରିୟାନୁଷ୍ଠାନ କମିଟି ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସ୍ଥାନୀୟ ଡ଼ାକବଙ୍ଗଳାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ନୟାଗଡ଼ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଭାପୁର ତହସିଲଦାରଙ୍କୁ ଦାବିପତ୍ର ଦେବାପାଇଁ ନିଷ୍ପତ୍ତି ନିଆଯାଇଥିଲା। ଭାପୁର ବ୍ଲକରେ ଉପ–ନିବନ୍ଧକ କାର୍ଯ୍ୟାଳୟ ପ୍ରତିଷ୍ଠା, ବସଷ୍ଟାଣ୍ଡ ନିର୍ମାଣ, ୩ ଆରଆଇ ଅଫିସ ଭାପୁର,ଶାଳପଡ ଓ ରାକମାରେ ଖୋଲିବା, ସବ୍‌ପୋଷ୍ଟ ଅଫିସର ନିଜସ୍ୱ ଗୃହ ନିର୍ମାଣ ଓ ବିଦ୍ୟୁତ୍ ଉପଖଣ୍ଡ କାର୍ଯ୍ୟାଳୟ ଖୋଲିବା ସଂକ୍ରାନ୍ତରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ତହସିଲଦାରଙ୍କ ଅନୁପସ୍ଥିତ ଯୋଗୁ ଅତିରିକ୍ତ ତହସିଲଦାର ମନ୍ଦାକିନୀ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । କ୍ରିୟାନୁଷ୍ଠାନ କମିଟିର ସଭ୍ୟ ଶରତ ମହାପାତ୍ର, ପ୍ରଭାକର ସାହୁ, ହାଡିବନ୍ଧୁ ଦାସ, ସୁରେଶ ଚନ୍ଦ୍ର ତ୍ରିପାଠୀ, ବିଜୟ କୁମାର ମିଶ୍ର, ଭଗବାନ ବରାଳ, ସୁଦର୍ଶନ ପଲେଇ , ଜିତେନ୍ଦ୍ର କୁମାର ରଣସିଂହ, ଲକ୍ଷ୍ମୀଧର ସାମନ୍ତରାୟ ପ୍ରମୁଖଙ୍କ ଉପସ୍ଥିତରେ ଦାବିପତ୍ର ପ୍ରଦାନ କରାଯାଇଥିଲା । ଦାବି ପୂରଣରେ ଯଦି ଟାଳଟୁଳ ନୀତି ଅବଲମ୍ବନ କରାଯାଏ ଆସନ୍ତା ୧୭ରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଥିଲା।